## ଆଜି କ'ଣ କେଉଁଠି

ବଣଁରପାଳ
- ସମ୍ବର୍ଦ୍ଧନା ଉତ୍ସବ। ସ୍ଥାନ: ନାଲ୍‌କୋ ଟ୍ରେନିଂ ସେଣ୍ଟର । ସମୟ: ଅପରାହ୍ନ ୪ଟା।

## ଗୋଷ୍ଠୀ ବିବାଦ, ୫ ଗିରଫ

**ଗଁଦିଆ, ୨୫।୯:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲତାବାଇଁସିଆ ଗ୍ରାମରେ କାଠ କଟାକୁ କେନ୍ଦ୍ର କରି ହୋଇଥିବା ଗୋଷ୍ଠୀ ବିବାଦ ମାମଲାରେ ପୋଲିସ ଉଭୟ ପକ୍ଷର ୫ ଜଣଙ୍କୁ ଗିରଫ କରିଛି। ଗୋଟିଏ ପକ୍ଷର ମାମଲା ନଂ. ୨୩୯/୨୧ ଅନୁଯାୟୀ ମାନସ ଦେହୁରୀ, କାଳିଆ ଦିଆନି ଏବଂ ବିପକ୍ଷ ଗୋଷ୍ଠୀର ଏତଲା ନଂ. ୨୪୦/୨୧ ଆଧାରରେ ଗ୍ରାମର ମହେଶ୍ୱର ବେହେରା, ଯୋଗିଆ ନାଏକ, ଚିତ୍ତରଞ୍ଜନ ବେହେରାଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ବିଷ୍ଣୁଚରଣ ବାରିକ କହିଛନ୍ତି।

## ଦୀନଦୟାଲଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୨୫।୯:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ନୀଳକଣ୍ଠେଶ୍ୱର ମନ୍ଦିରରେ ଭାଜପା ଗୁଣ୍ଡିଚାପଡ଼ା-ଘଟିପିରି ମଣ୍ଡଳ ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି କ୍ଷୀରୋଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାନେତ୍ରୀ ଇତିଶ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀନଦୟାଲଙ୍କ ଜୀବନୀ ଓ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ମହିଳା ମଣ୍ଡଳ ସଭାନେତ୍ରୀ ମେନକା ଜେନା, ଜିଲା ସାଧାରଣ ସମ୍ପାଦିକା ରୋଜାଲିନ ପାତ୍ର, ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, ଓଡ଼ାପଡ଼ା ମଣ୍ଡଳ ସଭାପତି ବନୋଜ ରଥ, ମହିଳା ମୋର୍ଚ୍ଚା ଜିଲା ଉପ ସଭାନେତ୍ରୀ ଜୟନ୍ତୀ ପ୍ରଧାନ, ଆଇନଜୀବୀ ପ୍ରମୋଦ ସାହୁ, କମଳାକାନ୍ତ ପାତ୍ର, ଗୁଣନିଧି ବେହେରା, ଅଭୟ ରାଉତ, ଆଲୋକ ବିଶୋଇ, ସମୀର ସାହୁ, ଦେବବ୍ରତ ବିଶୋଇ, ନୀଳମଣି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ୭ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୫।୯:** ଢେଙ୍କାନାଳ ଜିଲାରୁ ଶନିବାର ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୪ ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଗଁଦିଆ ବ୍ଲକର ୨, ହିନ୍ଦୋଳର ୨, ଭୁବନ ବ୍ଲକର ୧, ସଦର ବ୍ଲକର ୧ ଏବଂ ଓଡ଼ାପଡ଼ା ବ୍ଲକର ଜଣେ ରହିଛନ୍ତି। ଜିଲାରୁ ଅଦ୍ୟାବଧି ୧୯ ହଜାର ୭୪୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ପରେ ୧୯ ହଜାର ୪୬୦ ଜଣ ହୋଇଛନ୍ତି। ୪୭ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଅବକାରୀ ଚଢ଼ାଉ, ୩ ଗିରଫ

**ବଣ୍ଡା,୨୫।୯(ଡି.ଏନ୍.ଏ.):** ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶନିବାର କିଶୋରନଗର ବ୍ଲକ ହଣ୍ଡପା ଥାନାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୮୧ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କଦଳୀମୁଣ୍ଡା ଗ୍ରାମର କୁନ୍ତଳା ପ୍ରଧାନ, ପାପସରା ଗ୍ରାମର ପଦିଆ ସାହୁ ଏବଂ ବାବୁଲା ବେହେରା ଗିରଫ ହୋଇଛନ୍ତି। ଚଢ଼ାଉରେ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ବଳବୀର ଗଡ଼ନାୟକ, ବିପିନି ବିହାରୀ ସାହୁ ପ୍ରମୁଖ ଭାଗ ନେଇଥିଲେ।

## ସ୍ତ୍ରୀ ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର

ଛେଣ୍ଡିପଦା,୨୫।୯(ସ୍ୱ.ପ୍ର.)-ଛେଣ୍ଡିପଦା ଥାନା ବାହାଲସାହି ପଞ୍ଚାୟତ ଗୋଲାଗାଡ଼ିଆ ଗ୍ରାମରେ ସ୍ତ୍ରୀଙ୍କ ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର ହୋଇଛନ୍ତି। ଗ୍ରାମର ଅରୁଣ ମିଶ୍ର (୩୭) ଗତ ଶୁକ୍ରବାର ସ୍ତ୍ରୀ ମୋତିଙ୍କଠାରୁ ୧,୦୦୦ ଟଙ୍କା ନେଇଥିଲେ। ଶନିବାର ସକାଳେ ଅରୁଣଙ୍କୁ ଖାଇବାକୁ ଦେବା ସମୟରେ ମୋତି ଉକ୍ତ ୧ ହଜାର ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ମୋତି ଏକ ଟାଙ୍ଗିଆରେ ଅରୁଣଙ୍କୁ ଆକ୍ରମଣ କରିଥିଲେ। ପଡ଼ୋଶୀ ଅରୁଣଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଭିଯୁକ୍ତା ମୋତି ଫେରାର ଅଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ମୋବାଇଲ ଲୁଟ୍, ୩ ଗିରଫ

**କଣିହାଁ,୨୫।୯(ଡି.ଏନ୍.ଏ.):** ପୃଥକ୍ ମୋବାଇଲ ଚୋରି ମାମଲାରେ କଣିହାଁ ବ୍ଲକ ଏନ୍‌ଟିପିସି ଥାନା ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରିଛି। ଟୁଲକବେଡା ହଟିଂ ଅଞ୍ଚଳର ଏକ ରାଶନ ଦୋକାନରୁ ଗଣେଶ୍ୱର ବାଇପାଇ ସାମଗ୍ରୀ କିଣୁଥିବାବେଳେ ତାଙ୍କ ମୋବାଇଲ ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନାରେ ଏତଲା ଦେବା ପରେ ନଂ. ୧୪୧/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ବିଜୟ ହାଁସଦା, ବନ୍ଦେ ସିଂଙ୍କୁ ଗିରଫ କରାଯାଇଛି। ସେହିପରି ଗଦାଶିଳା ଗ୍ରାମର ବିଶ୍ୱଜିତ୍ ବେହେରାଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ୍ ମାମଲାରେ ପୋଲିସ ସନ୍ତୋଷ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ମୁଣ୍ଡ ନେଉଛି ଗୋଷ୍ଠୀକନ୍ଦଳ

- ଅଶାନ୍ତ ହେଉଛି କାମାକ୍ଷାନଗର
- ଲଘୁଖଣିଜ ବିବାଦରୁ ବଢ଼ୁଛି ହିଂସାକାଣ୍ଡ
- ଚୋରା ବନ୍ଧୁକ ଉପରେ ଲଗାମ ନାହିଁ
- ପେସାଦାର ଅପରାଧୀଙ୍କ ଚରାଭୂଇଁ


ଡାକ୍ତରଖାନାରେ ଦୀପକଙ୍କ ମୃତଦେହ ରଖାଯାଇଛି।



ହତ୍ୟାକାଣ୍ଡ ସ୍ଥଳରେ ଥିବା ଦୀପକଙ୍କ ଗାଡ଼ି।

**କାମାକ୍ଷାନଗର, ୨୫।୯(ଡି.ଏନ୍.ଏ.)**

ବାଲି, ପଥର ଭଳି ଲଘୁଖଣିଜ ବ୍ୟବସାୟରେ ଲାଭ ଅଧିକ। ତେଣୁ ଢେଙ୍କାନାଳ ଜିଲାରେ ବାଲି ର୍ୟାମ୍ପ, ପଥର କ୍ୱାରି ନିଲାମ ନେବା ଏବଂ ଏଭଳି ବ୍ୟବସାୟ କରିବା ଲାଗି ଦେଖିବାକୁ ମିଳେ ତୀବ୍ର ପ୍ରତିଯୋଗିତା। ହେଲେ ଅନେକ ସମୟରେ ଲଘୁଖଣିଜର ଏକଚାଟିଆ କାରବାର ପାଇଁ ହିଂସାକାଣ୍ଡ ଘଟୁଛି। ଏହି କାରଣରୁ ଗତଦିନରେ ଗଁଦିଆ, କାମାକ୍ଷାନଗର, ଓଡ଼ାପଡ଼ା, ପରଜଙ୍ଗ ଏବଂ ସଦର ବ୍ଲକ ଅଞ୍ଚଳରେ ନିୟମିତ ବ୍ୟବଧାନ ଘଟୁଛି ହତ୍ୟାକାଣ୍ଡ। କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ଅନ୍ତର୍ଗତ ବାରୁଆଁ (କା) ପଞ୍ଚାୟତର ସମିତିସଭ୍ୟ ଦୀପକ ମାହୁନ୍ତ ହତ୍ୟାକାଣ୍ଡ ମାମଲାରେ ମଧ୍ୟ ଲଘୁ ଖଣିଜ କାରବାର ଏବଂ ଏହାକୁ ନେଇ ସୃଷ୍ଟି ହୋଇଥିବା ଗୋଷ୍ଠୀ ବିବାଦର ଗନ୍ଧ ମିଳିଛି। ଅନ୍ୟପଟେ ଚୋରା ବନ୍ଧୁକ ଉପରେ ଲଗାମ ନ ରହିବା ଏବଂ ଅପରାଧୀଙ୍କ ଚରାଭୂଇଁ ପାଲଟିଥିବା କାମାକ୍ଷାନଗରରେ ନିୟମିତ ବ୍ୟବଧାନରେ ବଡ଼ ଧରଣର ହିଂସାକାଣ୍ଡ ଘଟିବା ପୋଲିସ ପ୍ରଶାସନର ହୁଗୁଳା ବ୍ୟବସ୍ଥାକୁ ପଦାରେ ପକାଇଛି।

ଦୀପକ ରାଜନୀତି କରିବା ସହିତ ବ୍ଲକ ଅଞ୍ଚଳର ଲଘୁ ଖଣିଜ ବ୍ୟବସାୟରେ ନିଜକୁ ଅନ୍ତର୍ଭୁକ୍ତ କରିଥିଲେ। ସରକାରୀ ଭାବେ ନିଲାମ ନିଆଯାଇଥିବା ଘାଟରୁ ବାଲି ଏବଂ ପଥର ବ୍ୟବସାୟ କରୁଥିଲେ। କନ୍ତିଓପୁଟସାହିରେ ନୂଆରେ ହୋଇଥିବା ବାଲିଘାଟ ନିଲାମ ନେବାକୁ ଆଶାୟୀ ଥିବା ଦୀପକ ଶେଷ ସମୟରେ ନିରାଶ ହୋଇଥିଲେ। କାଳେ ଦୀପକ ପରେ କୌଣସି ସମସ୍ୟା ସୃଷ୍ଟିକରିବେ, ସେଥିଲାଗି ତାଙ୍କୁ ରାସ୍ତାରୁ ହଟାଇବାକୁ କେତେଜଣ ଯୋଜନା କରିଥିବା ଚର୍ଚ୍ଚା ହେଉଛି।

ଏଥିପୂର୍ବରୁ ୨୦୧୫ରେ ବିଜେଡି ଯୁବନେତା ଯଶୋବନ୍ତ ପରିଡ଼ାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ହେଲେ ସୌଭାଗ୍ୟବଶତଃ ସେ ବର୍ତ୍ତି ଯାଇଥିଲେ। ତେବେ ୨୦୧୮ ମାର୍ଚ୍ଚ ୨୬ରେ ଯୋଜନାବଦ୍ଧ ଭାବେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ସମୟରେ ସେ ଜିଲା ଯୁବ ବିଜେଡି ସଭାପତି ପଦବୀରେ ଥିଲେ। ଏହି ଘଟଣାରେ ମଧ୍ୟ ଲଘୁଖଣିଜ କାରବାର ଲିଙ୍କ୍ ମିଳିଥିଲା। ଗତ ଜୁନ୍ ୧୬ ରାତି ପ୍ରାୟ ୧୦ଟାରେ କାମାକ୍ଷାନଗର ଏନ୍‌ଏସି ଗୋଡ଼ିସାହି ଏବଂ କଲୋନୀ ସାହି ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ କଲୋନୀ ସାହିର ତୋଫାନ ସାହୁ (୨୭)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମହିମାନଗରର ଆକାଶ ନାୟକ (୨୫) ଏବଂ ରାଜକିଶୋର ନାୟକ (୩୫) ଗୁରୁତର ହୋଇଥିଲେ। ୪ବର୍ଷ ତଳେ କଲେଜ ନିର୍ବାଚନକୁ ନେଇ ଲାଗି ରହିଥିବା ବିବାଦ ହିଂସାତ୍ମକ ରୂପ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିଲା।

ଗତ କିଛିବର୍ଷ ମଧ୍ୟରେ କାମାକ୍ଷାନଗର ଅଞ୍ଚଳରେ ରାଜନୈତିକ ବିବାଦ, ଲଘୁଖଣିଜ ଚାଲାଣକୁ ନେଇ ଗୋଷ୍ଠୀ ସଂଘର୍ଷ ଏବଂ ହତ୍ୟାକାଣ୍ଡ ଭଳି ହିଂସା ବଢ଼ିବାରେ ଲାଗିଛି। ଏହି ସବୁ ହତ୍ୟାକାଣ୍ଡରେ ପେସାଦାର ଅପରାଧୀ ଗୋଷ୍ଠୀର ସମ୍ପୃକ୍ତି ରହିଥିବାବେଳେ ମୁଖ୍ୟତଃ ସ୍ଥାନୀୟ ଅଞ୍ଚଳର ଦେଶୀ ବନ୍ଧୁକର ବହୁଳ ବ୍ୟବହାର କରାଯାଉଛି। ଗତ ଶୁକ୍ରବାର ଢେଙ୍କାନାଳ ସଦର ବ୍ଲକ ବାଲ୍ୟାମ୍ବା ଅଞ୍ଚଳରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୯ ଦେଶୀ ବନ୍ଧୁକ ଏବଂ ଗୋଟିଏ ରିଭଲଭର ଜବତ କରିଥିଲା। ଏହି ଘଟଣାରେ ୨ ଜଣ ଗିରଫ ହୋଇଥିବାବେଳେ ବନ୍ଧୁକ ତିଆରି କାରଖାନାର ସନ୍ଧାନ ମିଳିନାହିଁ। ଜିଲାର ବିଭିନ୍ନ ସ୍ଥାନରେ ଏଭଳି ବେଆଇନ ହାତ ତିଆରି ମାରଣାସ୍ତ୍ର ନିର୍ମାଣ କରାଯାଇ ଚାଲାଣ ହେଉଥିବାବେଳେ ପୋଲିସ ଆଖିବୁଜିଆ ପଦକ୍ଷେପ ଗ୍ରହଣ ନ କରିବା ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ହୋଇଛି।

ଏ ସଂକ୍ରାନ୍ତରେ କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ କୁହନ୍ତି, ନୂଆରେ ଯୋଗଦେଇଥିବାରୁ ପୂର୍ବ ଘଟଣା ସମ୍ପର୍କରେ ସେ ଠିକ୍ ଭାବେ ଅବଗତ ନାହାନ୍ତି। ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ କେତେଜଣ ବ୍ୟକ୍ତି ସମିତିସଭ୍ୟ ଦୀପକ ମାହୁନ୍ତଙ୍କୁ ହତ୍ୟା କରିଥିବା ଅନୁମାନ କରାଯାଉଛି। ଚୋରା ବନ୍ଧୁକ ସମ୍ପର୍କରେ ଏସ୍‌ଡିପିଓ କୁହନ୍ତି, ଆଗାମୀ ଦିନରେ ଗୋଇନ୍ଦା ତଥ୍ୟ ଆଧାରରେ ଜୋର୍‌ଦାର ଚଢ଼ାଉ କରାଯିବ।

### ଖାଇବାକୁ ଅପେକ୍ଷା କରିଥିଲେ ସ୍ତ୍ରୀ

ହତ୍ୟାକାଣ୍ଡର ଶିକାର ହେବା ପୂର୍ବରୁ ଶୁକ୍ରବାର ରାତି ପ୍ରାୟ ୧୦ରେ ସ୍ତ୍ରୀ ମମତା ଶେଷ ଥର ପାଇଁ ଦୀପକଙ୍କୁ ଫୋନ୍ କରିଥିଲେ। ଘରକୁ ଫେରିଲେ ମିଳିମିଶି ଖାଇବେ ବୋଲି କହିଥିଲେ। ତେବେ ଅତ୍ୟଧିକ ବିଳମ୍ବ ହେବାରୁ ମମତା ପୁଣି ଥରେ ଫୋନ୍ କରିଥିଲେ। ତେବେ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ମୋବାଇଲ ଗାଡ଼ି ଭିତରେ ଥିବାବେଳେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ କାର୍ ବାହାରେ ଟଳି ପଡ଼ିଥିଲେ ଦୀପକ।

### ଘରୁ ନେଇଥିଲେ ୫ଲକ୍ଷ ଟଙ୍କା

ଠିକା କାମ କରୁଥିବା ଦୀପକ କୌଣସି କାର୍ଯ୍ୟରେ ଶୁକ୍ରବାର ଭୁବନେଶ୍ୱର ଯାଇଥିଲେ। ଘରକୁ ଫେରି ୫ ଲକ୍ଷ ଟଙ୍କା ଧରି ଲେବର ପେମେଣ୍ଟ ଦେବାକୁ ବାହାରିଥିଲେ। ଏହି କଥା କେବଳ କେତେଜଣ ନିକଟ ସମ୍ପର୍କୀୟ ହିଁ ଜାଣିଥିଲେ। ହତ୍ୟାକାଣ୍ଡ ମାମଲାରେ ଏହି ଦିଗକୁ ତଦନ୍ତ ପରିସରଭୁକ୍ତ କରିବାକୁ ମୃତ ଦୀପକଙ୍କ ପୁଅ ଦିବ୍ୟଦର୍ଶନ ଦାବି କରିଛନ୍ତି।

### ପଞ୍ଚାୟତ ରାଜନୀତିରେ ୧୫ ବର୍ଷ

ସମିତିସଭ୍ୟ ଦୀପକ ମାହୁନ୍ତ ଦୀର୍ଘ ୧୫ ବର୍ଷ ହେଲା ଆଞ୍ଚଳିକ ରାଜନୀତିରେ ବେଶ୍ ସକ୍ରିୟ ଥିଲେ। ଜଣେ ଆଗଧାଡ଼ିର ବିଜେଡି କର୍ମୀ ଭାବେ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲେ। ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଉଥିଲେ। ତାଙ୍କ ମା' ନାଏବ ସରପଞ୍ଚ ପଦବୀରେ ରହିଥିଲେ। ସେହିପରି ସ୍ତ୍ରୀ ଲଗାତର ୨ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଆଗାମୀ ନିର୍ବାଚନରେ ବ୍ଲକ ରାଜନୀତିରେ ଅଂଶୀଦାର ହୋଇ ଅଧ୍ୟକ୍ଷ ପଦବୀ ପାଇଁ ସେ ଆଶାବାଦୀ ଥିଲେ। ହେଲେ ହତ୍ୟାର ଶିକାର ହେବା ପରେ ଦୀପକଙ୍କ ଆଶା ଆଶାରେ ହିଁ ରହିଯାଇଥିବା ତାଙ୍କ ନିକଟ ସମ୍ପର୍କୀୟମାନେ କହିଛନ୍ତି।

### ଯଶୋବନ୍ତ ହତ୍ୟା ଘଟଣାରେ ଥିଲେ ଅଭିଯୁକ୍ତ

୨୦୧୮ରେ ଘଟିଥିବା ବହୁ ଚର୍ଚ୍ଚିତ ଯଶୋବନ୍ତ ପରିଡ଼ା ହତ୍ୟାକାଣ୍ଡ ଘଟଣାରେ ଅନ୍ୟତମ ଅଭିଯୁକ୍ତ ଥିଲେ ଦୀପକ। ଏହି ମାମଲାରେ ସେ କିଛିଦିନ ପାଇଁ ଜେଲ ମଧ୍ୟ ଯାଇଥିଲେ। ଏବେ ପୁରୁଣା ଘଟଣାର ଖିଅ ସହ ଦୀପକଙ୍କ ମୃତ୍ୟୁକୁ ଯୋଡ଼ାଯାଉଛି। ବିରୋଧୀ ଗୋଷ୍ଠୀର କେତେଜଣ ଆକ୍ରୋଶମୂଳକ ଭାବେ ତାଙ୍କୁ ହତ୍ୟା କରିଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

# ଭାରତ ବନ୍ଦକୁ ସମର୍ଥନ



ବନ୍ଦକୁ ସମର୍ଥନ କରିବାକୁ ନିବେଦନ କରି ସଙ୍ଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଅନୁଗୋଳ ଅଫିସ, ୨୫।୯**

କଳା କୃଷି ଆଇନ୍, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୧ ରଦ୍ଦ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ର ଆଇନଗତ ଗ୍ୟାରେଣ୍ଟି ଦାବିରେ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ପକ୍ଷରୁ ୨୭ ତାରିଖରେ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇଛି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସଙ୍ଗଠନ ଶାଖା। ଦଳମତ ନିର୍ବିଶେଷରେ ଏହାକୁ ସଫଳ କରାଇବାକୁ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ, ତୈଳ ଦର ସମେତ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟବୃଦ୍ଧି, କର୍ପୋରେଟ ଜଗତ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନକୁ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଚାଷୀ ଏବଂ ଶ୍ରମିକ ବିରୋଧୀ କେନ୍ଦ୍ର ସରକାରଙ୍କୁ ରାଜ୍ୟର ଶାସକ ବିଜେଡି ନୀରବ ସମର୍ଥନ ଜଣାଇବା ନିନ୍ଦନୀୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ସରକାରଙ୍କ ଜନବିରୋଧୀ ପଦକ୍ଷେପ ବିରୋଧରେ ସେପ୍ଟେମ୍ବର ୨୭ରେ ଭାରତ ବନ୍ଦକୁ ସମ୍ପୂର୍ଣ୍ଣ ସଫଳ କରିବା ଲାଗି ଜିଲା ସମ୍ପାଦକ ଭିକାରି ପ୍ରଧାନ, ସଭ୍ୟ ଜୟସେନ ମେହେର, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଲ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ନିବେଦନ କରିଛନ୍ତି। ଏହି ଅବସରରେ ସଙ୍ଗଠନର କର୍ମକର୍ତ୍ତାମାନେ ଅମଲାପଡ଼ାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହ ବନ୍ଦକୁ ସଫଳ କରିବାକୁ ପ୍ରଚାରପତ୍ର ବଣ୍ଟା ଯାଇଥିଲା। ସେହିପରି ଜିଲା କଂଗ୍ରେସ ପକ୍ଷରୁ ବନ୍ଦ ପାଳନକୁ ସମର୍ଥନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା ଭାରତ ବନ୍ଦକୁ ସଫଳ କରାଇବା ଲାଗି ନିବେଦନ କରିଥିବା ମୁଖପାତ୍ର ଗୋପାଳ ନାଥ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଆମ ପ୍ରତିଭା, ଆମ ସ୍ୱାଭିମାନ ସଙ୍ଗଠନ ଗଠିତ

**ଅନୁଗୋଳ ଅଫିସ,୨୫।୯**

ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ଆବାହକତ୍ୱରେ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍. ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆମ ପ୍ରତିଭା, ଆମ ସ୍ୱାଭିମାନ ନାମରେ ଏକ ଅଣ ରାଜନୈତିକ ସଙ୍ଗଠନ ଗଠିତ ହୋଇଥିଲା। ଆସନ୍ତା ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଜିଲାର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ପ୍ରତିଭାମାନଙ୍କୁ ଏହି ସଙ୍ଗଠନ ସମ୍ମାନିତ କରିବ ବୋଲି ସ୍ଥିର ହୋଇଛି। ସେହିପରି ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ନୀଳମଣି ରାଉତ, କିଶୋର କର, ଭକ୍ତିପ୍ରସାଦ ଦାଶ, ପ୍ରଦୀପ ଦେବତା, ବିମଳ ମିଶ୍ର, ମମତା ପ୍ରଧାନ, ନିରୁପମା ସାହୁ, ସୁଷମା ପ୍ରଧାନଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଦୁର୍ଗାଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୨୮ ୟୁନିଟ୍ ରକ୍ତ ସଂଗ୍ରହ

**ନୁଗୋଳ ଅଫିସ, ୨୫।୯**

ଅନୁଗୋଳ କଳାକେନ୍ଦ୍ରଠାରେ ଜିଲା ଭାଜପା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି ଯୋଗ ଦେଇଥିଲେ। ଜିଲା ଭାଜପା ସଭାପତି ଦୀଲେଶ୍ୱର ପ୍ରଧାନଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ସାଧାରଣ ସମ୍ପାଦିକା ନମିତା ଦଳବେହେରା, ଉପସଭାପତି ସୁଜାତା ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ, ଅମିୟ ତ୍ରିପାଠୀ, ପ୍ରଭାତ ପ୍ରଧାନ, ସରିତା ମିଶ୍ର, ଶୁଚିସ୍ମିତା ତ୍ରିପାଠୀ, ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୫୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।


ରକ୍ତଦାନ ଶିବିରରେ ଭାଜପା ନେତୃବୃନ୍ଦ।

## ଅନୁଗୋଳରୁ ୬ କରୋନା ପଜିଟିଭ ଚିହ୍ନଟ

**ଅନୁଗୋଳ ଅଫିସ, ୨୫।୯**

ଅନୁଗୋଳ ଜିଲାରୁ ଶନିବାର ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୩୧୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂତନ ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକର ୩, ବଣଁରପାଳ ବ୍ଲକର ୨ ଓ ଛେଣ୍ଡିପଦା ବ୍ଲକର ଜଣେ ସଂକ୍ରମିତ ରହିଛନ୍ତି। ସେହିପରି ୪ ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୨୫।୯**

ଗଣମାଧ୍ୟମ ପ୍ରତିନିଧି ଅରିନ୍ଦମ୍ ଦାସଙ୍କ ଅକାଳ ବିୟୋଗରେ ଶନିବାର ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ମୃତିସଭା ଆୟୋଜନ କରାଯାଇଛି। ସାମ୍ବାଦିକ ଭବନରେ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଦ୍ୟୁମ୍ନ ରଥ, ଦୀପକ ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ, ଉପସଭାପତି ରାଜଶ୍ରୀ ଶତପଥୀ, ଅଥୟ ସାହୁ, ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦେବାଶିଷ ମିଶ୍ର, ଅରବିନ୍ଦ ସାହୁ, ଅମାନୀ ସାହୁ, ଅମନ ଆୟୁଷ୍ମାନ ଦାସ, ବିପ୍ଳବ ରାଉଳ, ସୌମ୍ୟବ୍ରତ ସାହୁ, ଜିଲା ଜୀବନବିନ୍ଦୁ ସଂଯୋଜକ ସୁରଜ ମହାପାତ୍ର ପ୍ରମୁଖ ଅରିନ୍ଦମ୍ ଯୁବ ସାମ୍ବାଦିକଙ୍କ ପାଇଁ ପ୍ରେରଣା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଶିଶିର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦିବଂଗତ ସାହିତ୍ୟିକା ମନୋରମା ମହାପାତ୍ର, କଙ୍କଡ଼ାହାଡ଼ର ଗଣମାଧ୍ୟମ ପ୍ରତିନିଧି ସଞ୍ଜୀବ ନାୟକଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ହନୁମାନ ବାଟିକା ପରିସରରେ କ୍ୟାଣ୍ଡେଲ ଜାଳି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।


ସ୍ମୃତିସଭାରେ ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ।

# ପୁଣି ସାଢ଼େ ୧୧ ଲକ୍ଷର ଠକେଇ ମାମଲା

- ଠକ ଦମ୍ପତି ଗିରଫ ଘଟଣା
- ଲମ୍ବୁଛି ଅଭିଯୋଗର ଫର୍ଦ୍ଦ
- ମଧ୍ୟସ୍ଥଙ୍କ ଜରିଆରେ ନେଇଥିଲେ ଟଙ୍କା

**ଅନୁଗୋଳ ଅଫିସ, ୨୫।୯**

ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୧୩୦୦ ଆଶାୟୀଙ୍କୁ ଚାକିରି କରାଇଦେବାକୁ କହି ପ୍ରାୟ ୨୦ କୋଟି ଟଙ୍କା ଠକି ନେଇଥିବା ବଙ୍ଗୀୟ ଦମ୍ପତି ଚୈତାଳୀ ମୁଖାର୍ଜୀ ଏବଂ ମ୍ରିଗାଙ୍କ ଗୁପ୍ତାଙ୍କ ନାମରେ ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ତାଙ୍କ ନାମରେ ପୁଣି ଥରେ ସାଢ଼େ ୧୧ ଲକ୍ଷ ଟଙ୍କାର ଏକ ଠକେଇ ମାମଲା ରୁଜୁ ହୋଇଛି। ଅନୁଗୋଳ ସହରର ଶିମିଳିପଡ଼ାରେ ରହୁଥିବା ଲଳିତ ମୋହନ ପ୍ରଧାନଙ୍କ ଝିଅ ଅଭିଯୁକ୍ତଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି। ଏ ନେଇ ପୋଲିସ ନଂ. ୪୮୨/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ୨୦୧୮ରେ ଲଳିତ ମୋହନ ପ୍ରଧାନ ଝିଅକୁ ଟାଟା କମ୍ପାନୀରେ ଚାକିରି କରାଇ ଦେବା ପାଇଁ ବଙ୍ଗୀୟ ଦମ୍ପତିଙ୍କୁ ସାଢ଼େ ୧୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ନେଣଦେଣରେ ମଧ୍ୟସ୍ଥ ସାଜିଥିଲେ ଅନୁଗୋଳ ଜିଲା ନାଲ୍‌କୋ ଅଞ୍ଚଳରେ ଭଡ଼ାରେ ରହୁଥିବା ଜଗତ୍‌ସିଂହପୁର ଜିଲା ତାରପୁର ଅଞ୍ଚଳର ଦିବ୍ୟପ୍ରସାଦ ସିଂ। ଦିବ୍ୟପ୍ରସାଦଙ୍କୁ ୩ ଲକ୍ଷ ଟଙ୍କାର ଚେକ୍ ଏବଂ ଅବଶିଷ୍ଟ ଟଙ୍କା ନଗଦ ଆକାରରେ ଦିଆଯାଇଥିଲା। ଜାମସେଦପୁରରେ ପ୍ରଶିକ୍ଷଣ ପରେ ଟାଟା କମ୍ପାନୀରେ ଚାକିରି ଦିଆଯିବ ବୋଲି ଅଭିଯୁକ୍ତ ଦମ୍ପତି ପ୍ରଲୋଭିତ କରିଥିଲେ। ଚୈତାଳୀ ଏବଂ ମ୍ରିଗାଙ୍କଙ୍କ ଦ୍ୱାରା ଜାମସେଦପୁରରେ ଖୋଲାଯାଇଥିବା ପ୍ରଶିକ୍ଷଣ ଅନୁଷ୍ଠାନରେ ପ୍ରଶିକ୍ଷଣ ନେବା ସତ୍ତ୍ୱେ ଚାକିରି ମିଳି ନ ଥିଲା। ଫଳରେ ସେଠାରୁ ସେ ହତାଶ ହୋଇ ଘରକୁ ଫେରି ଆସିଥିଲେ। ଅଭିଯୁକ୍ତ ଦମ୍ପତି ଧରାପଡ଼ିବା ସୂଚନା ମିଳିବା ପରେ ଲଳିତମୋହନ ଝିଅଙ୍କ ସହ ଅନୁଗୋଳ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଝିଅଙ୍କ ନିକଟରୁ ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରିଛି। ଠକ ଦମ୍ପତିଙ୍କ ନିକଟରୁ ପୋଲିସ ୧୮ କ୍ରେଡିଟ୍ ଓ ଶିପିଂ କାର୍ଡ଼, ନଗଦ ୩ ଲକ୍ଷ ୯୭ ହଜାର ଟଙ୍କା, ୭ ମୋବାଇଲ ଫୋନ୍, ୨ ଲାପଟପ୍, କମ୍ପ୍ୟୁଟର ହାର୍ଡ ଡ଼ିକ୍ସ, ଟାଟା କମ୍ପାନୀର ନକଲି ଷ୍ଟାମ୍ପ, ଚାକିରି ଆବେଦନପତ୍ର, ସ୍କ୍ରିନିଂ ଫର୍ମ, ନକଲି ପରିଚୟପତ୍ର ଆଦି ଅନେକ ସାମଗ୍ରୀ ଜବତ କରିଛି। ଏଥିପୂର୍ବରୁ ଦିବ୍ୟପ୍ରସାଦଙ୍କ ନାମରେ କୋଲିୟାରୀ ଥାନାରେ ନଂ. ୬୨/୨୧ରେ ମାମଲା ରୁଜୁ ହୋଇଛି। ଏହି ଘଟଣା ଅଭିଯୁକ୍ତ ଦମ୍ପତିଙ୍କ ସମେତ ପୋଲିସ ମୋଟ ୯ ଜଣଙ୍କୁ ଗିରଫ କରିସାରିଛି।

ସୂଚନାଯୋଗ୍ୟ, ଗତ ୮ ତାରିଖରେ ତାଳଚେର ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଯୁବ ଆଇପିଏସ୍ ଅଧିକାରୀ ନୀତୀଶ ୱାଗୱାନୀଙ୍କ ନେତୃତ୍ୱରେ ଅନୁଗୋଳ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କୋଲକାତା ଦୁର୍ଗାପୁରରୁ ଚୈତାଳୀ ଏବଂ ମ୍ରିଗାଙ୍କଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏହାପରେ ପଚରାଉଚୁରା ଲାଗି ସେମାନଙ୍କୁ ୨ଦିନିଆ ରିମାଣ୍ଡରେ ଆଣି ଜେରା କରାଯାଇଥିଲା। ଏବେ ଦୁହେଁ ଅନୁଗୋଳ ଜେଲରେ ଅଛନ୍ତି। ବିଭିନ୍ନ ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ପ୍ରଦୂଷଣ ନିୟନ୍ତ୍ରଣ କରିବ ଜୈବ ବ୍ୟାଗ

ଅନୁଗୋଳ ଅଫିସ, ୨୫ା୯- ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ପରିବେଶ ପ୍ରଦୂଷଣ ସହ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାର ସମାଧାନ ପାଇଁ ବୈଜ୍ଞାନିକମାନେ ଜୈବ ବ୍ୟାଗ ପ୍ରସ୍ତୁତ କରିଛନ୍ତି। ହାଇଦ୍ରାବାଦର ନ୍ୟୁକୋ ଇଲାଷ୍ଟିକ ପ୍ରଡକ୍ଟସ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥା (ଡିଆରଡିଓ)ର ମିଳିତ ସହଯୋଗରେ ବୈଜ୍ଞାନିକମାନେ ବାୟୋ ଡିଗ୍ରେଡେବୁଲ୍ ବ୍ୟାଗ୍ ପ୍ରସ୍ତୁତ କରିଛନ୍ତି ବୋଲି ନୀତି ଆୟୋଗ କହିଛି। ଏ ନେଇ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ପଲିଥିନ ବ୍ୟାଗ ବଦଳରେ ଜୈବ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ବ୍ୟାଗ ବଜାରକୁ ଆସିଲେ ପରିବେଶ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### କୁଟୁରା ମାଂସ ଜବତ, ଜଣେ ଗିରଫ

ବଇଣ୍ଡା,୨୫ା୯(ଡି.ଏନ୍.ଏ.)-ଅନୁଗୋଳ ଜିଲା ଠାକୁରଗଡ଼ ଥାନା ସାପଘରା ନିକଟରେ ଶୁକ୍ରବାର ରାତିରେ ବନ ବିଭାଗ ଚଢ଼ାଉ କରି ୧୫ କେ.ଜି. କୁଟୁରା ମାଂସ ଜବତ କରିଛି। ଏହି ଘଟଣାରେ ବନ୍ତୁଲ ଗ୍ରାମର ବିମ୍ବାଧର ଦେହୁରୀ (୪୨) ଗିରଫ ହୋଇଛନ୍ତି। ସାତକୋଶିଆ ଅଞ୍ଚଳର ବିମ୍ବାଧର ଏକ କୁଟୁରା ମାରି ସାପଘରା ଅଞ୍ଚଳରେ ବିକ୍ରି କରିବା ପାଇଁ ବାଇକ୍ ଯୋଗେ ଆସୁଥିଲେ। ସୂଚନା ପାଇ ରେଞ୍ଜର ରବିନାରାୟଣ ମହାନ୍ତି, ଫରେଷ୍ଟର ସୁଦର୍ଶନ ପ୍ରଧାନ, ଫରେଷ୍ଟ ଗାର୍ଡ ଅରୁଣ ଦୀପ, ନରେନ୍ଦ୍ର ଦେହୁରୀ, ଗଙ୍ଗାଧର ରାଉଳ, ନବ କୁମାର ସାହୁ ପ୍ରମୁଖ ଚଢ଼ାଉ କରିଥିଲେ। ଶନିବାର ବିମ୍ବାଧରଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି।

### ବମ୍ବେରେ ଓଡ଼ିଆ ଯୁବକ ମୃତ

ଖଇରା, ୨୫ା୯(ଡି.ଏନ.ଏ.)-ବମ୍ବେରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନହଙ୍ଗ ଗ୍ରାମର ହରିହର ମାଝି(୨୮) ଗୁରୁବାର ଅଜଣା ରୋଗରେ ମୃତ୍ୟୁବରଣ କରିଛନ୍ତି। କଲମବୁଲି ଥାନା ଅଞ୍ଚଳରେ କାର୍ଯ୍ୟ କରୁଥିବା ହରିହରଙ୍କ ଗତ ରବିବାରଠାରୁ ପେଟଯନ୍ତ୍ରଣା ଆରମ୍ଭ ହୋଇଥିଲା। ବୁଧବାର ରାତିରେ ଅଧିକ ବାନ୍ତି ହେବାରୁ ଗୁରୁବାର ସକାଳେ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୨ଟାରେ ଆଇସିୟୁକୁ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### କୀଟନାଶକ ପିଇ ୨ ଜଣଙ୍କ ଆତ୍ମହତ୍ୟା

ଢେଙ୍କିକୋଟ, ୨୫ା୯(ଡି.ଏନ.ଏ.): କେନ୍ଦୁଝର ଓ ବାଲେଶ୍ୱର ଜିଲାରେ କୀଟନାଶକ ପିଇ ୨ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲା ଘଟଗାଁ ବ୍ଲକ ବାଙ୍କପାଟୁଳି ଗ୍ରାମର ସୁନିଲ ପାତ୍ର, ବାଲେଶ୍ୱର ଜିଲା ବାହାନଗା ବ୍ଲକ କସପାଜୟପୁର ପଞ୍ଚାୟତ ଜିରିତାଳ ଗ୍ରାମର ସୁପ୍ରିୟା ନାୟକ(୩୦) ଗତ ଶୁକ୍ରବାର ସୁନୀଲ ଘରୋଇ କଳହକୁ କେନ୍ଦ୍ର କରି ସେ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଘଟଗାଁ ପୋଲିସ ଅପମୃତ୍ୟୁ ମାମଲା (ନଂ.୫୩/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସେହିପରି ସୁପ୍ରିୟା କୌଣସି କାରଣରୁ ଶୁକ୍ରବାର ବିଳମ୍ବିତ ରାତିରେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକ ତାଙ୍କୁ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ଘଟିଛି। ଖନ୍ତାପଡା ଥାନାରେ ମାମଲା(ନଂ.୨୭୦/୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ମୃତ ମହିଳାଙ୍କ ସ୍ୱାମୀଙ୍କୁ ପୋଲିସ୍ ଅଟକ ରଖିଛି।

### ବାର୍‌ହା ମାଂସ ସହ ହରିଣ ଛାଲ, ଶିଙ୍ଗ ଜବତ

ତେଲକୋଇ, ୨୫ା୯ (ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତର ଟୁଙ୍ଗୁରୁବାହାଲ ଗ୍ରାମରେ ବାର୍‌ହା ଶିକାରି ମାଂସ ବିକ୍ରି କରୁଥିବା ବେଳେ ବନ ବିଭାଗ ଖବର ପାଇ ୩କିଲୋ ବାର୍‌ହା ମାଂସ ଜବତ କରିବା ସହିତ ଏକ ଘରୁ ହରିଣ ଛାଲ ଓ ଶିଙ୍ଗ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେ ହେଲେ ତପନ ପଲେଇ। ସେ ଫାଶ ଦ୍ୱାରା ଜଙ୍ଗଲ ଜନ୍ତୁଙ୍କୁ ଧରି ବାହାରେ ବିକ୍ରି କରିଥାନ୍ତି।

# ଅନ୍ତଃସତ୍ତ୍ୱା ହାତୀର ଅସ୍ତ୍ରୋପଚାର

**ଚମ୍ପୁଆ,୨୫ା୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳରେ ତିନିଦିନ ଧରି ପ୍ରସବ ବେଦନାରେ ଛଟପଟ ହେଉଥିବା ମାଈହାତୀର ଶନିବାର ଅସ୍ତ୍ରୋପଚାର କରାଯାଇ ଏକ ମୃତ ହାତୀ ଶାବକକୁ ପ୍ରସବ କରାଯାଇଛି।

ସୂଚନାଅନୁସାରେ, ଗତ ୨୩ ତାରିଖ ସକାଳ ଜାମୁଦଲକ କାଞ୍ଜୁ ଜଙ୍ଗଲରେ ବଣୁଆ ହାତୀ ପଲ ମଧ୍ୟରେ ଦୁଇଟି ନୂତନ ଶାବକ ଜନ୍ମ ନେଇଥିବା ବେଳେ ଗୋଟାଏ ମାଈହାତୀ ଶାବକକୁ ଜନ୍ମ ଦେଇ ନ ପାରି ଯନ୍ତ୍ରଣାରେ ଛଟପଟ ହେଉଥିଲା। ଘଟଣାସ୍ଥଳରେ ବନବିଭାଗ, ପୋଲିସ, ପ୍ରାଣୀଧନ ଚିକିତ୍ସକମାନେ ଉପସ୍ଥିତ ରହି ହାତୀ ଉପରେ ନଜର ରଖିଥିଲେ। ମାତ୍ର ଗର୍ଭ ଯନ୍ତ୍ରଣାରେ ଛଟପଟ ହାତୀଟି ଦୁଇଦିନ ଧରି ଏ ଜଙ୍ଗଲରୁ ସେ ଜଙ୍ଗଲ ଘୁରି ବୁଲୁଥିବା ବେଳେ ଶନିବାର ହାତୀଟିକୁ କାଳିକାପ୍ରସାଦ ରିଜର୍ଭ ଫରେଷ୍ଟ ପତଳାରେ ଠାବ କରାଯାଇଥିଲା। ହାତୀଟି ପ୍ରତି ବନବିଭାଗ ନଜର ରଖିଥିଲେ ମଧ୍ୟ ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇ ଶାବକଟିକୁ ଜନ୍ମ କରି ପାରି ନଥିଲା। ଫଳରେ ଘଟଣାସ୍ଥଳରେ କେନ୍ଦୁଝର ଡିଏଫଓ ଡିଡି ହନୁମନ୍ତ ସମେତ ଭୁବନେଶ୍ୱର ଓୟୁଏଟି ଟିମ୍, ଏସସିଏଫ୍ ଘନଶ୍ୟାମ ମହାନ୍ତ, ଚମ୍ପୁଆ ରେଞ୍ଜର ସଞ୍ଜିବ କୁମାର ରାଉତ, ପାଟଣା ରେଞ୍ଜର ଟିକେଶ୍ୱର ମହାନ୍ତଙ୍କ ସମେତ ପୋଲିସ ଏବଂ ପ୍ରାୟ ୭୦ରୁ ଅଧିକ ବନ କର୍ମଚାରୀ ପହଞ୍ଚି ଡାକ୍ତରୀ ଦଳ ସହାୟତାରେ ମାଈହାତୀଟିକୁ ଟ୍ରାଙ୍କୁଲାଇଜ୍ କରିବା ପରେ ହାତୀଟିର ଅସ୍ତ୍ରୋପଚାର କରିଥିଲେ। ହାତୀଟି ସୁସ୍ଥ ହେବା ପାଇଁ ଆବଶ୍ୟକ ଔଷଧ ପତ୍ର ଦିଆଯିବା ସହିତ ବନକର୍ମଚାରୀମାନେ ହାତୀ ନିକଟରେ ଜଗି ରହିଥିବା ଚମ୍ପୁଆ ରେଞ୍ଜର ସୂଚନା ଦେଇଛନ୍ତି।



ମାଈହାତୀ ନିକଟରେ ଉପସ୍ଥିତ ବନ କର୍ମଚାରୀ।

# ଚଢ଼ିଗଲା ଟିପ୍ପର, ଯୁବକ ମୃତ



ଦୁର୍ଘଟଣାସ୍ଥଳରେ ଉତ୍ତେଜନା।

**ଅନୁଗୋଳ ଅଫିସ, ୨୫ା୯**

ଅନୁଗୋଳ ସଦର ଥାନା ଅନ୍ତର୍ଗତ ଛେଲିଆପଡ଼ା ନିକଟରେ ଶନିବାର ରାତିରେ ସଡ଼କ ଦୁର୍ଘଟଣାରେ କାଙ୍ଗୁଲା ଅଞ୍ଚଳର ରବି ଘଡେଇଙ୍କ ପୁଅ ଜିତୁ (୩୦)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ସଦର ଥାନାଧିକାରୀ ପ୍ରଭାତ ତ୍ରିପାଠୀ, ଏସଆଇ ପ୍ରକାଶ ମାଝି ସଦଳବଳ ପହଞ୍ଚି ବୁଝାଶୁଝା କରୁଛନ୍ତି। ଜିତୁ ଛେଲିଆପଡା ନିକଟ ଏକ ଢାବା ପାଖରେ ସାଇକେଲ ରଖି ଛିଡ଼ା ହୋଇଥିଲା। ଏହି ସମୟରେ ଅନୁଗୋଳ ପଟୁ ଦ୍ରୁତଗତିରେ ଯାଉଥିବା ଟିପ୍ପର (ଓଡ଼ି ୦୯ ସି ୮୬୧୦)ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଜିତୁଙ୍କ ମୃତ୍ୟୁ ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଟିପ୍ପରଟି ଦ୍ରୁତ ଗତିରେ ମହୀଧରପୁର ଆଡକୁ ଯାଉଥିବା ବେଳେ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ନାକାବନ୍ଦୀ କରି ଗାଡ଼ିକୁ ଜବତ କରିଛି। ଡ୍ରାଇଭର ଏବଂ ହେଲ୍‌ପର ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି। ଖବର ଲେଖାଯିବା ଯାଏ ଅନୁଗୋଳ-ମହୀଧରପୁର ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ଥିଲା।

# ପ୍ରାଥମିକ ଚିକିତ୍ସା ସଚେତନତା

**ଗଁଦିଆ, ୨୫ା୯**

ଗଁଦିଆ ବ୍ଲକ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ୍‌କ୍ରସ୍ ପକ୍ଷରୁ ପ୍ରାଥମିକ ଚିକିତ୍ସା ଓ ସଚେତନତା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ମୁରଲୀଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜେଆର୍‌ସି କାଉନସିଲର ଶ୍ୱାତୀ ମିଶ୍ର ପ୍ରାଥମିକ ଉପଚାର ଶିକ୍ଷାର ଲକ୍ଷ୍ୟ ଓ ଆବଶ୍ୟକତା ବୁଝାଇଥିଲେ। ଦୁର୍ବିପାକ ପରିଚାଳନା, ଆବଶ୍ୟକ ପ୍ରାଥମିକ ଚିକିତ୍ସା, କୀଟପତଙ୍ଗ କାମୁଡ଼ାର ଚିକିତ୍ସା, ହୃଦ୍‌ଘାତର ଚିକିତ୍ସା, ବାତ ମାରିବା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଷଡ଼ଙ୍ଗୀ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ହରିହର ସାହୁ, ଶିକ୍ଷକ ମନୋଜ ସ୍ୱାଇଁ, ଦୁଷ୍ମନ୍ତ ସେଠୀ, ଅରୁଣ ନାଏକ, ଚିରଞ୍ଜୀବୀ ଦାସ, ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ, ନିବେଦିତା ପାତ୍ର, ଶ୍ରାବଣୀ ପ୍ରିୟଦର୍ଶିନୀ ସାହୁ, କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଡେମନଷ୍ଟ୍ରେଶନ ମାଧ୍ୟମରେ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସଚେତନ କରାଯାଉଛି।

### ପୋଲିସ ହେପାଜତରୁ ଫେରାର ମାମଲା
### ଅଭିଯୁକ୍ତଙ୍କୁ ବର୍ଷେ କାରାଦଣ୍ଡ

**ବାରିପଦା ଅଫିସ,୨୫ା୯**

ପୋଲିସ ହେପାଜତରୁ ଫେରାର ମାମଲାର ବିଚାର କରି ବାରିପଦା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରାଜଜ୍ ଦୀପକ କୁମାର ସାହୁ ଅଭିଯୁକ୍ତ ସନିଆ ସଙ୍କୁ ବର୍ଷେ କାରାଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ସନିଆ ୨୦୨୦ ସେପ୍ଟେମ୍ବର ୨୫ରେ ରାସଗୋବିନ୍ଦପୁର ଥାନାରେ ରୁଜୁ ହୋଇଥିବା ଏକ ମାମଲାରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିବା ବେଳେ ସେଠାରୁ ଫେରାର ହୋଇଯାଇଥିଲେ। ସରକାରୀ ଆଇନଜୀବୀ ବ୍ରଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରିଥିଲେ।

### ୨ ବାଇକ୍ ଚୋର କୋର୍ଟଚାଲାଣ

**ସୋର, ୨୫ା୯(ଡି.ଏନ୍.ଏ.)**

ଗତ ୧୮ ତାରିଖ ରାତିରେ ସୋର ବ୍ଲକ ଚମ୍ପୋ ଗ୍ରାମର ଏକ ଘରୁ ଚୋରି ହୋଇଥିବା ଏକ ବାଇକ୍ ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ସୋର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହିଗ୍ରାମର ବିଶ୍ୱଜିତ ରାଜଙ୍କ ଘରୁ ଏକ ବାଇକ୍ ଚୋରି ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୩୬୮/୨୧) ରୁଜୁ କରି ଏସ୍‌ଆଇ ସୂର୍ଯ୍ୟନାରାୟଣ ନାୟକଙ୍କ ନେତୃତ୍ୱରେ ଏଏସ୍‌ଆଇ ପ୍ରଦୀପ ମହାନ୍ତି ଏବଂ ପ୍ରତାପ କାଲୋଙ୍କୁ ନେଇ ଏକ ଦଳ ତଦନ୍ତ ଆରମ୍ଭ କରିଥିଲେ। ଘଟଣାରେ ସମ୍ପୃକ୍ତ ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ବାସୁଦେବ ସାମଲ(୨୮) ଏବଂ ନରେନ୍ଦ୍ର ଦାସ(୧୯)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ବିରୋଧରେ ସୋର ଥାନାରେ ଏକାଧିକ ମାମଲା ଥିବା ବେଳେ ବାଇକଗୁଡ଼ିକୁ ଚୋରିକରି ଏମାନେ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ବିକ୍ରି କରୁଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଛେଣ୍ଡିପଦା, ୨୫ା୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବାଗଡିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ମୋ ସ୍କୁଲ୍ ଅଭିଯାନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟନାଥ ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବାଳକୃଷ୍ଣ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ମୋ ସ୍କୁଲ ଅଭିଯାନ କମିଟି ସଭାପତି ଭାବେ ପୁରାତନ ଛାତ୍ର ହାଡ଼ିବନ୍ଧୁ ସାହୁଙ୍କୁ ଚୟନ କରାଯାଇଥିଲା। ପୁରାତନ ଛାତ୍ର ଦିଗାମ୍ବର ଗଡନାୟକ, ପୂର୍ବତନ ସିଡିଏମଓ ରବୀନ୍ଦ୍ର ଗଡ଼ନାୟକ, ପ୍ରଧାପକ ପ୍ରଦୀପ କର, ଭାସ୍କର ପ୍ରଧାନ, ଭଗବାନ ପ୍ରଧାନ, ସୁରେଶ ପ୍ରଧାନ, ଜେନାମଣି ପ୍ରଧାନ, ଜଗଦାନନ୍ଦ ସେଠୀଙ୍କ ସମେତ ଶତାଧିକ ପୁରାତନ ଛାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# କ୍ଷେତ୍ର ପରିଦର୍ଶନ କଲେ ତହସିଲଦାର

**ଖଇରା, ୨୫ା୯(ଡି.ଏନ.ଏ.)**

**ଖଇରା ବଜାରରେ ଜଳ ନିଷ୍କାସନ ସମସ୍ୟା**

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରରେ ଜଳ ନିଷ୍କାସନ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଖଇରା ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ରାଜସ୍ୱ ନିରୀକ୍ଷକ ସୁବ୍ରତ ସିଂଙ୍କ ସହ ଶନିବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ବେହେରା ପ୍ରଥମେ ୟୁକୋ ବ୍ୟାଙ୍କ ଓ ଫତେପୁର ଛକ ନିକଟରେ ଥିବା ନାଳ ଓ ତତ୍‌ସଂଲଗ୍ନ ପୋଲ ଅବସ୍ଥା ବୁଲି ଦେଖିବା ସହ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଅନ୍ୟାନ୍ୟ ସ୍ଥାନଗୁଡିକୁ ପରିଦର୍ଶନ କରିଥିଲେ। ପରେ କୃତ୍ରିମ ବନ୍ୟାର ଅନ୍ୟତମ କାରଣ ପାଲଟିଥିବା ଆମ୍ବହତା କେନାଲର ମୁକୁଳା ଘାଇଗୁଡ଼ିକୁ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀ କୁଶାସନ କର, ସନ୍ତୋଷ କୁମାର ବିଶ୍ୱାଳ, ମାନସ ମହାପାତ୍ର, ରତ୍ନାକର ବିଶ୍ୱାଳ, ବାସୁଦେବ ରାଉତ, ଜଗତାନନ୍ଦ ମହାପାତ୍ର, ଜନ୍ମେଜୟ ଶତପଥି, ନିତ୍ୟାନନ୍ଦ ସାହୁ, ନରେଶ ମହାନ୍ତି ପ୍ରମୁଖ ଜଳ ନିଷ୍କାସନରେ ପ୍ରତିବନ୍ଧକ ସାଜିଥିବା ସ୍ଥାନଗୁଡିକ ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଥିଲେ । ସମସ୍ତ ସ୍ଥାନ ଦେଖିସାରିବା ପରେ ତହସିଲଦାର ଜଳ ନିଷ୍କାସନ ସମସ୍ୟା ହୃଦୟଙ୍ଗମ କରିବା ସହ ଏହାର ସମାଧାନ ଉପରେ ସମୟୋଚିତ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ତହସିକଦାରଙ୍କ ନିକଟରେ ଦାବି କରିଥିଲେ। ଆଗାମୀ ୭ଦିନ ମଧ୍ୟରେ ଜଳ ନିଷ୍କାସନ ସମସ୍ୟା ସହ ଜଡିତ ଥିବା ଜଳସେଚନ, ପୂର୍ତ୍ତ, ଡ୍ରେନେଜ, ଗ୍ରାମ୍ୟ ଉନ୍ନୟନ, ଜନସ୍ୱାସ୍ଥ୍ୟ ଭଳି ବିଭାଗର ଯନ୍ତ୍ରୀମାନଙ୍କର ଏକ ବୈଠକ ବସାଇ କିଭଳି ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରାଯାଇପାରିବ ସେ ସମ୍ପର୍କରେ ପଦକ୍ଷେପ ନେବେ ବୋଲି ତହସିଲଦାର ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ମୋ' ସେବାକେନ୍ଦ୍ର ପରିଚାଳକଙ୍କ ବୈଠକ



ବୈଠକରେ ଯୋଗଦେଇଥିବା ପରିଚାଳକମାନେ।

**ବଇଣ୍ଡା,୨୫ା୯(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ନାକିଚି ନିକଟସ୍ଥ ଜୟଗଡ଼ଠାରେ ଶୁକ୍ରବାର ବ୍ଲକସ୍ତରୀୟ ମୋ ସେବାକେନ୍ଦ୍ର ପରିଚାଳକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶୁତୋଷ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ମୋ ସେବାକେନ୍ଦ୍ର ପରିଚାଳକ ସୁକାନ୍ତ ମିଶ୍ର, ଡିଜିଇଏମ ଦେବୀଦତ୍ତ ସାହୁ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କ ଏବଂ ଏହାକୁ ଉପଯୋଗ କରି ହିତାଧିକାରୀ ଯେପରି ସୁବିଧା ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ୨୨ ଜଣ ମୋ ସେବାକେନ୍ଦ୍ର ପରିଚାଳକ ଯୋଗ ଦେଇଥିଲେ।

# ନିଯୁକ୍ତି ଦାବିରେ ଆନ୍ଦୋଳନ

**କଣିହାଁ,୨୫ା୯(ଡି.ଏନ୍.ଏ.)**

କଣିହାଁ କୋଇଲା ଖଣିରେ ମାଟି ଖନନ, କୋଇଲା ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଠିକା କମ୍ପାନୀରେ ନିଯୁକ୍ତି ଦାବି କରି କ୍ଷତିଗ୍ରସ୍ତମାନେ ଶନିବାର ଆନ୍ଦୋଳନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଖଣି ପ୍ରଭାବିତ ଅଞ୍ଚଳର ଟ୍ରକ୍ ଚାଳକ ଓ ସହଯୋଗୀଙ୍କୁ ପୂର୍ବରୁ ଥିବା ଠିକାସଂସ୍ଥା ପକ୍ଷରୁ ଗୋଟିଏ କମ୍ପାନୀରେ ନିୟୋଜିତ କରିଥିଲା। ଆର୍‌ଏସ୍ ଠିକାସଂସ୍ଥା ଜିଲା ଓ ରାଜ୍ୟ ବାହାର ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ କରୁଛି। ଏହାର ପ୍ରତିବାଦରେ ଆରଏସ୍ ଅଫିସ ନିକଟରେ ଧାରଣା ଦିଆଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏଥିରେ ସାମିଲ ହୋଇଥିଲେ। ପୋଲିସ କହିଛି, ଧାରଣା ଶାନ୍ତିପୂର୍ଣ୍ଣ ଥିଲା। ରବିବାର ପ୍ରଶାସନିକସ୍ତରରେ ବିବାଦର ସମାଧାନ କରାଯିବ। ତେବେ ଖଣିକାର୍ଯ୍ୟ ସ୍ୱାଭାବିକ ଥିବା ପୋଲିସ କହିଛି।



ଧାରଣାସ୍ଥଳରେ ବିଧାୟକଙ୍କ ସମେତ କ୍ଷତିଗ୍ରସ୍ତମାନେ।

# ମନେପଡ଼ିଲେ ଦୀନ୍‌ଦୟାଲ

**ବଇଣ୍ଡା/କଣିହାଁ/ଖମାର(ଡି.ଏନ୍.ଏ.)/ ଛେଣ୍ଡିପଦା(ସ୍ୱ.ପ୍ର.)/ ମାଧପୁର,୨୫ା୯**

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିର ନିକଟରେ ଶନିବାର ମଣ୍ଡଳ ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ବାନମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା କମିଟି ସଦସ୍ୟ ତ୍ରିଲୋଚନ ଜେନା, ଅତିଥି ଭାବେ ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଦୀନଦୟାଲଙ୍କ ସଂଘର୍ଷମୟ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ସେହିପରି ଆଠମଲ୍ଲିକ ବ୍ଲକ କୁରୁମଟାପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଦୀଲେଶ୍ୱର ପ୍ରଧାନ, ପ୍ରଦୀପ ପ୍ରଧାନ, ଚୈତନ୍ୟ ସାହୁ, ଜୟନ୍ତ ସାହୁ, ମଞ୍ଜିତ ବେହେରା, ଦିବାକର ସାହୁ ପ୍ରମୁଖ ଯୋଗଦେଇଥିଲେ।

କଣିହାଁ ପ୍ରଜାମଣ୍ଡଳ ଭବନଠାରେ ଆୟୋଜିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମିଡିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, ସମ୍ମାନିତ ଅତିଥି ଭାବେ ବଡ଼ଗୁଣ୍ଡୁରୀ ସରପଞ୍ଚ ଲୋକନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁବୁଲି ସାହୁ, ସତ୍ୟାନନ୍ଦ ସାମଲ, ମନମୋହନ ସାହୁ ସହଯୋଗ କରିଥିଲେ। ପାଲଲହାଡ଼ା ଉପଖଣ୍ଡ ଶଙ୍ଖପୁର ଗ୍ରାମରେ ଖମାର ମଣ୍ଡଳ ଭାଜପା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମହିଳା ମୋର୍ଚ୍ଚା ସଭାପତି ବସନ୍ତମଞ୍ଜରୀ ପ୍ରଧାନ, ସମ୍ମାନିତ ଅତିଥିଭାବେ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଯୁବନେତା ସୌମ୍ୟରଞ୍ଜନ ପ୍ରଧାନ, ରଞ୍ଜିତା ସାହୁ, ଲିପୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ବ୍ଲକ କନ୍ଧପଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଡା. ଅଲେଖ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛେଣ୍ଡିପଦା ବ୍ଲକ ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବାଗଡିଆ ମଣ୍ଡଳ ସାଧାରଣ ସମ୍ପାଦକ ବିଶେଶ୍ୱର ସାହୁଙ୍କ ସଭାପତିତ୍ୱରେ ଗଡମଣ୍ଡଳଠାରେ ଏହି ଜୟନ୍ତୀ ପାଳିତ ହୋଇଛି। କୋଶଳା ମଣ୍ଡଳ ସାଧାରଣ ସମ୍ପାଦକ ଅସୀମ ସାହୁଙ୍କ ସଭାପତିତ୍ୱରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀ ଠାକୁରାଣୀଙ୍କ ମନ୍ଦିରଠାରେ ଏହି ଜୟନ୍ତୀ ଅନୁଷ୍ଠିତ ହୋଇଛି। ବିଜୟ ମାଝି, ସୁନୀଲ ସାହୁ, ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବଇଣ୍ଡାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତାମାନେ।

**ନଦୀରୁ ହାତୀ ଉଦ୍ଧାର ବେଳେ ୨ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବି**

**ଝାରସୁଗୁଡ଼ା ଅଫିସ:** ଗତ ଶୁକ୍ରବାର କଟକସ୍ଥିତ ମହାନଦୀ ମୁଣ୍ଡୁଳୀ ନିକଟରେ ହାତୀ ଉଦ୍ଧାରବେଳେ ଖବରଦାତା ଅରିନ୍ଦମ ଦାସ ଓ ଓଡ୍ରାଫ୍ ଟିମ୍‌ର କର୍ମଚାରୀ ସୀତାରାମ ମୁର୍ମୁଙ୍କ ଅକାଳ ବିୟୋଗ ଘଟିଛି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ଝାରସୁଗୁଡ଼ା ଜିଲା ଶାଖା ତରଫରୁ ଶନିବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲା ଶାଖାର କର୍ମକର୍ତ୍ତା ସୁରେନ୍ଦ୍ର ସାହୁ ଓ ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଭାରତ ବନ୍ଦ ଡାକରା ସମର୍ଥନରେ କୃଷକ ସଂଘ ବୈଠକ

**ଦେବଗଡ଼,୨୫।୯(ଡି.ଏନ.ଏ):** ସର୍ବଭାରତୀୟ କୃଷକ ସଂଘର ଆହ୍ୱାନ କ୍ରମେ ଆଗାମୀ ୨୭ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ପରିପ୍ରେକ୍ଷୀରେ ପ୍ରଧାନପାଟଠାରେ ଦେବଗଡ ଜିଲା କୃଷକ ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ସଂଘ ସଭାପତି ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସହ ସମ୍ପାଦକ ହୀରାଧର ସାହୁ, ମିଡିଆ ସେଲ୍ ସଂଯୋଜକ ସଂଗ୍ରାମଜିତ କୁଅଁର, ପବିତ୍ର ମୋହନ ପ୍ରଧାନ, ଭୁପେନ୍ଦ୍ର ପ୍ରସାଦ ନାୟକ ଓ ପ୍ରମୋଦ ସାହୁଙ୍କ ସମେତ ସଂଘର ବହୁ ସଭ୍ୟ ଏବଂ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବନ୍ଦ ଡାକରାକୁ ସମର୍ଥନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯିବା ସହ ଦେବଗଡ ବନ୍ଦ ପାଳନକୁ ସଫଳ କରିବା ପାଇଁ ସଂକଳ୍ପ କରାଯାଇଥିଲା । କୃଷକ ମାନଙ୍କର ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ନୂତନ ଭାବେ ପାରିତ ହୋଇଥିବା ୩ଟି କୃଷି ଆଇନ ପ୍ରତ୍ୟାହାର କରାଯିବା ସହ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ହେବାକୁ ଥିବା ଏହି ବନ୍ଦ ପାଳନରେ ସାଧାରଣ ଜନତା, କୃଷକ, ରାଜନୈତିକ ଏବଂ ଅଣରାଜନୈତିକ ସଙ୍ଗଠନ ଅଂଶଗ୍ରହଣ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି ।

## ବ୍ରଜରାଜନଗର ପୌର ପରିଷଦର ସଫେଇ କାମକୁ ନେଇ ୨ମାମଲା

**ଝାରସୁଗୁଡ଼ା ଅଫିସ,୨୫।୯:** ବ୍ରଜରାଜନଗର ପୌର ପରିଷଦରେ ସଫେଇ କାମକୁ ନେଇ ୨ପକ୍ଷଙ୍କ ତରଫରୁ ବ୍ରଜରାଜନଗର ଥାନାରେ ଶୁକ୍ରବାର ପୃଥକ୍ ମାମଲା ରୁଜୁ ହୋଇଛି। ପ୍ରଥମ ପକ୍ଷ ପୌର ପରିଷଦରେ ନିୟୋଜିତ ଠିକାଦାର ଦେବାର୍ଚ୍ଚନ ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବ୍ରଜରାଜନଗର ଥାନା କେସ୍(ନଂ୨୭୩/୨୧)ରେ ଏକ ମାମଲା ରୁଜୁ କରିଛି । ଅପରପକ୍ଷେ ସଫେଇ କର୍ମଚାରୀ ହୀରାବତି ଭରାସାଗରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ୨୭୪/୨୧)) ରୁଜୁ କରିଛି। ଏହାର ତଦନ୍ତ ଏସ୍‌ଡିପିଓ ଦିଲୀପ ଦାସ କରୁଛନ୍ତି। ପ୍ରଥମ ପକ୍ଷ ଠିକାଦର ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ସଫେଇ କର୍ମଚାରୀ ହୀରାବତି କେତେଜଣ ମହିଳାଙ୍କ ସହ ଆସି ତାଙ୍କୁ କାମ ମାଗିଥିଲେ । ଏବେ କାମ ନାହିଁ କାମହେଲେ ଦିଆଯିବ ବୋଲି ଠିକାଦର କହିଥିଲେ। ପରେ ସଫେଇ କର୍ମଚାରୀ ତାଙ୍କୁ ଗାଳିଗୁଲଜ କରିଥିଲେ ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷ ସଫେଇ କର୍ମଚାରୀ ହୀରାବତି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ସେ କାମପାଇଁ ଠିକାଦାର ସାହୁ ଓ ପୂର୍ବତନ ପୌର ପରିଷଦ ଉପାଧ୍ୟକ୍ଷ ଜୟନ୍ତ ଦିକ୍ଷୀତଙ୍କ ନିକଟକୁ ବାରମ୍ବାର ଦୌଡୁଥିଲେ। ହେଲେ ଉଭୟ ତାଙ୍କୁ ପ୍ରତାରଣକରି ଜାତିକୁ ଆକ୍ଷେପକରି ଦୁର୍ବ୍ୟବହାର କରିଥିଲେ।

# ଗ୍ରାହକଙ୍କୁ ଠକିବା ମହଙ୍ଗା ପଡ଼ିଲା

**ରାଉରକେଲା ଅଫିସ,୨୫।୯**

ଅତ୍ୟଧିକ ଲାଭ ପାଇବା ଆଶାରେ ବିଭିନ୍ନ ଜିନିଷ ଉପରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟର ଷ୍ଟିକର ଲଗାଇ ଗ୍ରାହକଙ୍କୁ ଦ୍ରବ୍ୟ ବିକିବା ରାଉରକେଲା ଇସ୍ପାତ ମାର୍କେଟ ଅଞ୍ଚଳର ଏକ ଇଲେକ୍ଟ୍ରୋନିକ୍ସ ଦୋକାନୀଙ୍କୁ ମହଙ୍ଗା ପଡ଼ିଛି। ଖବର ପାଇ ରାଉରକେଲା ମାପ ଓ ଓଜନ ବିଭାଗ ପକ୍ଷରୁ ଶନିବାର ଉକ୍ତ ଦୋକାନରେ ଚଢାଉ କରାଯାଇଛି। ଚଢାଉ ବେଳେ ବହୁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଜବତ କରାଯାଇଛି।

ଇସ୍ପାତ ମାର୍କେଟ ଦୋକାନ ନଂ-୧୪୪ ଚନ୍ଦନ ଏଣ୍ଟରପ୍ରାଇଜେସରୁ ଜଣେ ବ୍ୟକ୍ତି ଏକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିଥିଲେ। ଉକ୍ତ ସାମଗ୍ରୀର ମୂଲ୍ୟ ଲେଖାଥିବା ସ୍ଥାନ ଉପରେ ଏକ ଷ୍ଟିକର ଲାଗିଥିଲା। ଷ୍ଟିକରକୁ ଉଠାଇବା ପରେ ଅନ୍ୟ ପ୍ରକାର ମୂଲ୍ୟ ଲେଖାଯାଇଥିବା



ମାପ ଓଜନ ବିଭାଗ ପକ୍ଷରୁ ଚଢାଉ କରାଯାଉଛି।

ଦେଖିବାକୁ ମିଳିଥିଲା। ଏହାକୁ ନେଇ ସନ୍ଦେହ ହେବାରୁ ଉକ୍ତ ବ୍ୟକ୍ତି ଜଣକ ଇଣ୍ଟରନେଟ ମାଧ୍ୟମରେ କମ୍ପାନୀ ସହ ଯୋଗାଯୋଗ କରି ଉକ୍ତ ବିଷୟରେ ଅବଗତ କରାଇଥିଲେ। କମ୍ପାନୀ ମୁଖ୍ୟ ଏ ନେଇ ରାଉରକେଲାରେ ଥିବା ଓଜନମାପ ବିଭାଗରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ

**ଇଲେକ୍ଟ୍ରୋନିକ୍ସ ଦୋକାନରେ ଚଢାଉ**

ଓଜନ ବିଭାଗର ବରିଷ୍ଠ ନିରୀକ୍ଷକ ପ୍ରିୟବ୍ରତ ଜେନା, ନିରୀକ୍ଷକ ହେମଲତା କିଷାନ ଓ କବିତା କିଷାନଙ୍କ ସହ ଅନ୍ୟ କର୍ମଚାରୀ ଚନ୍ଦନ ଏଣ୍ଟରପ୍ରାଇଜେସ ଉପରେ ଚଢ଼ାଉ କରିଥିଲେ। ଏ ନେଇ ଓଜନ ବିଭାଗର ବରିଷ୍ଠ ନିରୀକ୍ଷକ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଏହି ବ୍ୟବସାୟୀ ଜଣଙ୍କ ବେଆଇନ କାର୍ଯ୍ୟ କରି ଗ୍ରାହକଙ୍କୁ ଠକୁଛନ୍ତି। ସେ ନିର୍ଦ୍ଧାରିତ ମୂଲ୍ୟ ଉପରେ ଅଧିକ ମୂଲ୍ୟର ଷ୍ଟିକର ଲଗାଇ ଗ୍ରାହକଙ୍କଠାରୁ ଅଧିକ ଅର୍ଥ ଆଦାୟ କରୁଛନ୍ତି । ଏଣୁ ଏହି ଦୋକାନ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି। ଏହି ଖବର ଇସ୍ପାତ ମାର୍କେଟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବେଆଇନ ଚାଲାଣ ବେଳେ ୨୨ ଗୋରୁ ଜବତ, ୭ ଗିରଫ


ଜବତ ଗାଡି ଏବଂ ଗିରଫ ଅଭିଯୁକ୍ତମାନେ।

**ଦେବଗଡ,୨୫।୯(ଡି.ଏନ.ଏ)**

ଦେବଗଡ ଥାନା ଅନ୍ତର୍ଗତ ତିଲେଇବଣୀ ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥରେ ଦେବଗଡ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ବେଆଇନ ଗୋରୁ ବୋଝେଇ ଟ୍ରକକୁ ଜବତ କରିଛି। ଏହି ଟ୍ରକ୍‌ରୁ ୨୨ ଗୋରୁଙ୍କୁ ଉଦ୍ଧାର କରାଯିବା ସହ ୭ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ ଜିଲା ଅତାବିରା ଗ୍ରାମର ରାକେଶ ନ୍ଧଶଳ(୨୪) ଓ ସହାୟକ ଶଙ୍କର ବରିହା (୨୭), ଧରାଖଣ୍ଡା ଗ୍ରାମର କୈଳାଶ ସୁନା(୩୨), ଅତାବିରାର ଶ୍ରୀକାନ୍ତ ସୁନା (୩୩), ସଗନ ବାରିକ(୨୫), ରାଜାରାମ ଚୈଧୁରୀ(୩୦) ଏବଂ ଶିବ ରାଓ (୨୯)। ସେହିପରି ସେହିପରି ଗୋରୁ ଚାଲାଣରେ ବ୍ୟବହୃତ ଟ୍ରକ୍ (ନଂ.ଓଡି୧୫ଜି/୬୬୮୯) ଓ କାର୍ (ନଂ.ଓଡି୧୫ଆର/୪୮୬୦)କୁ ଜବତ କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜ କିଶୋର ପାଇକରାୟ ଏ ନେଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବରଗଡ ଜିଲାରୁ ଏକ ଟ୍ରକ୍ ଯୋଗେ ୨୨ଟି ଗୋରୁ ବୋଝେଇ ହୋଇ କଲିକତା ଚାଲାଣ ହେଉଥିଲା। ଟ୍ରକ୍‌କୁ ସୁରକ୍ଷା ଦେଇ ଏକ କାର୍ ଯୋଗେ ୫ଜଣ ଯୁବକ ଯାଉଥିବା ବେଳେ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ତିଲେଇବଣୀ ଠାରେ ଅଟକାଇ ଯାଞ୍ଚ କରିଥିଲେ।

## ବଳାତ୍କାର ପୀଡିତାଙ୍କୁ ନ୍ୟାୟ, ସହାୟତା ଦାବି

**ଦେବଗଡ଼,୨୫।୯(ଡି.ଏନ.ଏ)**

ଗତ ବୁଧବାର ସନ୍ଧ୍ୟାରେ ଗଣବଳାତ୍କାରର ଶିକାର ହୋଇଥିବା ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଉଚିତ ନ୍ୟାୟ ଏବଂ ସହାୟତା ପ୍ରଦାନ ପାଇଁ ଦେବଗଡ ଜିଲା ଡ୍ରାଇଭର ସଙ୍ଘ ପକ୍ଷରୁ ଦାବି କରାଯାଇଛି। ଦେବଗଡ ଜିଲା ଡ୍ରାଇଭର ମହାସଂଘ ସଭାପତି ବେଣୁଧର ବେହେରା ଓ ସମ୍ପାଦକ ରଞ୍ଜିତ ପ୍ରଧାନଙ୍କ ନେତୃତ୍ୱରେ ସଂଘର ଶତାଧିକ ସଦସ୍ୟ ମୁହଁରେ କଳା କପଡା ବାନ୍ଧି ଜିଲାପାଳଙ୍କ କାର୍ଯ୍ୟାଳୟରୁ ନିରବ ଶୋଭାଯାତ୍ରାରେ ବାହାରି ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କୁ ସାକ୍ଷାତ କରି ବଳାତ୍କାର ପୀଡିତା ନାବାଳିକାଙ୍କୁ ନ୍ୟାୟ ଏବଂ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସହାୟତା ପ୍ରଦାନ ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହାପରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ନିରବ ଶୋଭାଯାତ୍ରାରେ ଯାଇ ଅନୁରୂପ ସ୍ମାରକପତ୍ର ପ୍ରଦାନ କରିଥିଲେ।


ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଡ୍ରାଇଭର ସଂଘର ଶୋଭାଯାତ୍ରା, ସ୍ମାରକପତ୍ର ପ୍ରଦାନ**

ସୂଚନାଯୋଗ୍ୟ, ଗତ ୨୨ ତାରିଖ ସନ୍ଧ୍ୟାରେ ରିଆମାଳ ଥାନାଞ୍ଚଳର ଜଣେ ୧୨ ବର୍ଷର ନାବାଳିକା ଟ୍ୟୁସନ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ୨ ଜଣ ଯୁବକ ତାଙ୍କୁ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। ଏହି ଘଟଣାରେ ପୋଲିସ କଙ୍କରଖୋଳ ଗ୍ରାମର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରି ସାରିଛି। ମାତ୍ର କ୍ରାଇମବ୍ରାଞ୍ଚ ଦ୍ୱାରା ଏହି ଘଟଣାର ତଦନ୍ତ କରିବାକୁ ଜିଲା ଡ୍ରାଇଭର ମହାସଙ୍ଘ ପକ୍ଷରୁ ଦାବି କରାଯାଇଛି।

## ସ୍ମାର୍ଟସିଟିରେ ଅଘୋଷିତ ବିଦ୍ୟୁତ୍ କାଟ୍

**ରାଉରକେଲା ଅଫିସ,୨୫।୯**

ସ୍ମାର୍ଟସିଟି ରାଉରକେଲାରେ ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଦୁଇଦିନ ହେଲା ବିଦ୍ୟୁତ୍ ବିଭାଗ ସହରବାସୀଙ୍କୁ ସୂଚନା ନ ଦେଇ ବାରମ୍ବାର ବିଦ୍ୟୁତ୍ କାଟ କରୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ବିଶେଷ କରି ବାସନ୍ତୀ କଲୋନୀ, ଡେଲି ମାର୍କେଟ, ଉଦିତନଗର ଅଞ୍ଚଳରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ବ୍ୟବସାୟିକ ଅନୁଷ୍ଠାନ ଉପରେ ଅଧିକ ପ୍ରଭାବ ପଡିଛି। ଏ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ କଥାବର୍ତ୍ତା ହୋଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ସହରରେ ଏଭଳି ବାରମ୍ବାର ବିଦ୍ୟୁତ୍ କାଟ୍ ବନ୍ଦ ପାଇଁ ଦାବି ହୋଇଛି। ଏ ନେଇ ବିଦ୍ୟୁତ୍ ବିଭାଗର ସରୋଜ କୁମାର ସାହୁଙ୍କ ମୋବାଇଲ ନମ୍ବର ୯୪୩୭୧୨୫୧୬୩ରେ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ବିଏମ୍‌ଏସ୍‌ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

**ରାଉରକେଲା ଅଫିସ,୨୫।୯**

ଭାରତୀୟ ଇସ୍ପାତ ମଜଦୁର ମହାସଂଘ (ବିଏମ୍‌ଏସ୍)ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଶନିବାର ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ କ୍ରିପାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଭାରତୀୟ ମଜଦୁର ମହାସଂଘର କେନ୍ଦ୍ରୀୟ ନେତା ଦେବେନ୍ଦ୍ର କୁମାର ପାଣ୍ଡେ ଏଥିରେ ଯୋଗଦେଇ ଆଗାମୀ ରଣନୀତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ରାଉରକେଲା, ବୋକାରୋ, ଦୁର୍ଗାପୁର, ସାଲେମ, ବିଶାଖାପାଟଣା, ଟେନସା, ବଲାଣି କାରଖାନାର କର୍ମୀମାନେ ଯୋଗ ଦେଇଥିଲେ। ଆସନ୍ତା ଅକ୍ଟୋବର ୪ ଓ ୫ ତାରିଖରେ ହେବାକୁ ଥିବା ଏନଆଇସିଏସ୍ ଓ ବୋନସ ମିଟିଂ ଉପରେ ଚର୍ଚ୍ଚା ଆଲୋଚନା କରାଯାଇ ବିଏମ୍‌ଏସ୍‌ର ରଣନୀତି ସ୍ଥିର କରାଯିବ ବୋଲି ବିଏମ୍‌ଏସ୍ ପକ୍ଷରୁ କୁହାଯାଇଛି। ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଥ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଠିକା ଶ୍ରମିକଙ୍କ ପାଇଁ ପ୍ରୟାସ କାର୍ଯ୍ୟକ୍ରମ


ଏଚ୍‌ଆରଡିସି କକ୍ଷରେ ପ୍ରୟାସ କାର୍ଯ୍ୟକ୍ରମ ଚାଲିଛି।

**ରାଉରକେଲା ଅଫିସ,୨୫।୯**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଠିକା ଶ୍ରମିକମାନଙ୍କ ପାଇଁ ୩୮ ତମ ପ୍ରୟାସ କାର୍ଯ୍ୟକ୍ରମ ଏଚ୍‌ଆରଡିସି କକ୍ଷରେ ଶନିବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କାର୍ମିକ ସିଏଲସି ଓ ପ୍ରକଳ୍ପ ବିଭାଗର ମହାପ୍ରବନ୍ଧକ ସି. ଜି ରାମାଲିଙ୍ଗମ ଉପସ୍ଥିତ ରହି ଠିକା ଶ୍ରମିକଙ୍କ ବିଭିନ୍ନ ସୁବିଧା ସୁଯୋଗ ସହ ଇଏସଆଇ ଓ ପିଏଫ୍ ପାଣ୍ଠି ସମ୍ବନ୍ଧରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିଥିଲେ। କାର୍ମିକ ସିଏଲ୍‌ସି ବିଭାଗର ମ୍ୟାନେଜର ଅବିନାଶ ଠିକା ଶ୍ରମିକଙ୍କ ସୁରକ୍ଷା ସମ୍ବନ୍ଧରେ ଅବଗତ କରାଇଥିଲେ। ଶ୍ରମିକମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ଉପରେ ଆଲୋଚନା ହୋଇଥିଲା। ଏଥିରେ ୨୧ ଜଣ ଠିକା ଶ୍ରମିକ ଭାଗ ନେଇଥିଲେ। ବିଭାଗର ଆସିଷ୍ଟାଣ୍ଟ ଅଫିସର ସାବିତ୍ରୀ ସାହୁ, ସିଏଲ୍‌ସି କାର୍ମିକ ବିଭାଗର ମ୍ୟାନେଜର ସଙ୍ଗୀତା ମାରିଆ ଠିକା ଶ୍ରମିକଙ୍କ ଲାଭାଦି ସୁବିଧା ସହ ବ୍ୟାଙ୍କ ଜରିଆରେ ମଜୁରି ପ୍ରଦାନ, ପେ ସ୍ଲିପ୍ ଉପରେ ଅବଗତ କରିଥିଲେ।

## ୩ ଲୁଟେରା ଗିରଫ

**ରାଉରକେଲା ଅଫିସ,୨୫।୯**

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ଇଏଲ ବ୍ଲକ ଅଞ୍ଚଳରେ ଘର କବାଟ ଭାଙ୍ଗି ଲୁଟ୍ ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ସୁଇପର ବସ୍ତିର ରାହୁଲ ରାମ(୨୧), ସଞ୍ଜୟ ବିଶୋଇ(୨୪) ଓ ଦେବ ସିଂ(୨୩)। ପୋଲିସ ସୂଚନା ଅନୁସାରେ, ଇଏଲ ବ୍ଲକରେ ରଞ୍ଜନ ନାୟକଙ୍କ ପରିବାର ସହ ବାସ କରନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ପଛ କବାଟ ଭାଙ୍ଗି ୩ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ ଏବଂ ମ୍ୟୁଜିକ ସିଷ୍ଟମ ଓ ବ୍ୟାୟାମ ଉପକରଣକୁ ଚୋରି କରିନେଇଥିଲେ। ଏ ନେଇ ରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ସୁଇପର ବସ୍ତିରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲା।

## ଅରିନ୍ଦମଙ୍କୁ ସାମ୍ବାଦିକ ସଂଘର ଶ୍ରଦ୍ଧାଞ୍ଜଳି

**ଦେବଗଡ଼,୨୫।୯(ଡି.ଏନ.ଏ)**

ଖବରଦାତା ଅରିନ୍ଦମ ଦାସଙ୍କ ବିୟୋଗରେ ଦେବଗଡ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ଅଶୋକ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ସଂଘ ସଦସ୍ୟ ଏବଂ ଜନସାଧାରଣ ସ୍ଥାନୀୟ ଗୋପବନ୍ଧୁ ଛକରେ ଏକତ୍ରିତ ହୋଇ କ୍ୟାଣ୍ଡେଲ ଜାଳି ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ବ୍ରିଜେଶ ରଞ୍ଜନ ସାହୁ, ଶଶାଙ୍କ ଶେଖର ଝାଙ୍କର, ତରୁଣ କୁମାର ସାହୁ, ବିଜୟ କୁମାର ମୋଦୀ, ସିଦ୍ଧେଶ୍ୱର ଗୁରୁ, ପ୍ରତାପ କିଶୋର ନାୟକ, ଅନୁଜ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ଭୁକ୍ତା, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ଉପସଭାପତି ପ୍ରକାଶ ଦେବତା, ଜିଲା ଛାତ୍ର କଂଗ୍ରେସ ସଭାପତି ତୀର୍ଥବାସୀ ସାହୁ ଓ କେଡିଆର ଆଞ୍ଚଳିକ ଉନ୍ନୟନ କମିଟିର ସମ୍ପାଦକ ଜନ୍ମେଜୟ ପ୍ରଧାନଙ୍କ ସମେତ ବହୁ ଜନସାଧରଣ ଉପସ୍ଥିତ ଥିଲେ।

## ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

**ଦେବଗଡ,୨୫।୯(ଡି.ଏନ.ଏ)**

ବାରକୋଟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଶନିବାର ଭାଜପା ବାରକୋଟ ମଣ୍ଡଳର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରକୋଟ ମଣ୍ଡଳ ଭାଜପା ସଭାପତି ପୁରୁଷୋତ୍ତମ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଜିଲା ଉପସଭାପତି ତଥା ବାରକୋଟ ବ୍ଲକ ଉପାଧକ୍ଷ ହରମୋହନ ପାଣି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ, ବିରଞ୍ଚି ସାହୁ, ସମ୍ପାଦକ ଫକୀର ମୋହନ ପ୍ରଧାନ, ନରହରି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜିଲାରେ ଭାଜପାକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବାରକୋଟ ମଣ୍ଡଳର ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ରହି ଦେବଗଡ ଜିଲାକୁ ସମ୍ପୂର୍ଣ୍ଣ ମରୁଡିଗ୍ରସ୍ତ ଜିଲା ଘୋଷଣା କରିବା,ନିର୍ମାଣାଧୀନ ତାଳଚେର-ବିମଳାଗଡ ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ, ଧାନ ବିକ୍ରୟର ସୁବନ୍ଦୋବସ୍ତ, ଚାଷଜମିକୁ ଜଳସେଚନ ସୁବିଧା, ଭୂମିହୀନଙ୍କୁ ୪ ଡେସିମିଲ ଲେଖାଏଁ ଜାଗା ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

## କଂଗ୍ରେସର ଜନଆକ୍ରୋଶ ରାଲି

**ରାଉରକେଲା ଅଫିସ,୨୫।୯**

ରାଉରକେଲା ଜିଲା ଯୁବକଂଗ୍ରେସ ପକ୍ଷରୁ ଶନିବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ଓ ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ଜନଆକ୍ରୋଶ ରାଲି ଆୟୋଜନ ହୋଇଥିଲା। ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଭି. ବି. ଶ୍ରୀନିବାସନ ଯୋଗଦେଇ ଯୁବକଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାର କିଭଳି ଯୁବକମାନଙ୍କୁ ପ୍ରତାରିତ କରି ସେମାନଙ୍କ ରୋଜଗାର ଛଡାଇ ନେଉଛନ୍ତି। ଗତ ୬୦ ବର୍ଷରେ କଂଗ୍ରେସ କ'ଣ କରିଛି ବୋଲି କହୁଥିବା ମୋଦି ସରକାର କଂଗ୍ରେସ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଉଦ୍ୟୋଗଗୁଡିକୁ ବିକ୍ରି କରି ଲକ୍ଷ ଲକ୍ଷ ଲୋକଙ୍କୁ ରୋଜଗାରହୀନ କରିବା ବିଡମ୍ବନାର ବିଷୟ। ଯୁବ ବନ୍ଧୁମାନେ ସଙ୍ଗଠିତ ହୋଇ ଜନ ବିରୋଧୀ ମୋଦି ଓ ନବୀନ ସରକାରକୁ ଆଗାମୀ ଦିନରେ ଠିକ୍ ଜବାବ ଦେବାକୁ ଶ୍ରୀନିବାସନ ଆହ୍ୱାନ ଦେଇଥିଲେ।


କଂଗ୍ରେସ ନେତା ଓ କର୍ମୀମାନେ ରାଲିରେ ଯାଉଛନ୍ତି ।

ପ୍ରଥମେ ଯୁବକଂଗ୍ରେସ କର୍ମୀମାନେ ଶ୍ରୀନିବାସନଙ୍କୁ ଉଦିତନଗର ଆମ୍ବେଡ଼କର ଛକରୁ ଜିଲା କଂଗ୍ରେସ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ପରେ ଶ୍ରୀନିବାସନ ଜିଲା ଯୁବ କଂଗ୍ରେସ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା କଂଗ୍ରେସ ସଭାପତି ବିରେନ ସେନାପତି, ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ସେନ୍ ହେମ୍ବ୍ରମ, ବିରେନ ଦଳାଇଙ୍କ ସମେତ ବହୁ ଯୁବନେତା ମଞ୍ଚାସୀନ ଥିଲେ। ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଜେଡିର ଯୁବନେତା ହିତେନ ନାଗଙ୍କ ନେତୃତ୍ୱରେ ବହୁ ଯୁବକ କଂଗ୍ରେସରେ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଗିରଫ

କୁଆମରା, ୨୫।୯ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଶଳଦା ଫାଣ୍ଡି ଅଧୀନ ହାତିସାହି ଗ୍ରାମରେ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଶନିବାର ସ୍ୱାମୀ ଦିଲୀପ ମଲ୍ଲିକଙ୍କୁ ପୋଲିସ ଗିରଫ କରିଛି। ସୂଚନାଯୋଗ୍ୟ, ଦିଲୀପଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ କି ବିବାହର ଦୁଇବର୍ଷ ପରେ ୨୦୨୦ରେ ସେ ଗର୍ଭବତୀ ହୋଇଥିଲେ। ଶାଶୁଘର ଲୋକେ ସେବେଠାରୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଶାଶୁ, ଶଶୁର ଓ ସ୍ୱାମୀ ମିଳିତ ଭାବେ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ବାରିପଦା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଏକ ମୃତ ସନ୍ତାନ ଜନ୍ମ ଦେଇଥିଲେ। ଏନେଇ ଥାନାରେ ମାମଲା (ନଂ.୩୦୮/୨୧) ରୁଜୁ ହୋଇଛି। ଅଭିଯୁକ୍ତ ସ୍ୱାମୀ ଦିଲୀପଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୁଶଳଦା ଫାଣ୍ଡି ଅଧିକାରୀ ନିତ୍ୟାନନ୍ଦ ଦାଶ କହିଛନ୍ତି।

### ସ୍ତ୍ରୀ ହତ୍ୟା ଅଭିଯୋଗରେ ଫେରାର ସ୍ୱାମୀ ଗିରଫ

ଭଣ୍ଡାରିପୋଖରୀ, ୨୫।୯ (ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୋଲିସ ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଗ୍ରାମର ଧରଣୀଧର ସେଠୀଙ୍କୁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ କରିଛି। ପ୍ରକାଶ ଯେ, କିଛି ମାସ ତଳେ ଧରଣୀଧରଙ୍କ ସ୍ତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଏନେଇ ମୃତ ମହିଳାଙ୍କ ବାପା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୮୮/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ସ୍ୱାମୀ ଧରଣୀଧର ସେହିଦିନଠାରୁ ଫେରାର ଥିଲେ। ଶୁକ୍ରବାର ରାତିରେ ଧରଣୀଧର ଘରେ ଥିବା ଜାଣି ପୋଲିସ ଚଢ଼ାଉ କରି ଧରିଥିଲା। ଶନିବାର ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଟ୍ରକ୍ ଧକ୍କାରେ ଜଣେ ମୃତ

ଯୋଡ଼ା,୨୫।୯(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି କ୍ରେଚ ହଟିଂରେ ଶନିବାର ଭୋର ସମୟରେ ଦୁଇଟି ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ଗୋବିନ୍ଦ ମହାକୁଡ଼ ନାମକ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ବାମେବାରି ଆଡୁ ଏକ ଡମ୍ପର ବାଂଶପାଣି ଅଭିମୁଖେ ଯାଉଥିବା ବେଳେ ଜୁରୁଡ଼ି ନିଟରେ ତାଙ୍କୁ ଧକ୍କା ଦେଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି।

### ସାନିଟାଇଜର, ଅକ୍ସିମିଟର ବଣ୍ଟନ

ପାଟଣା,୨୫।୯( ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ କେନ୍ଦ୍ରର ସଭାଗୃହରେ ଶନିବାର ସ୍ୱେଚ୍ଛାସେବୀ ସଂଗଠନ ଓସ୍କା ପକ୍ଷରୁ ଏଏନ୍ଏମ୍, ଆଶା କର୍ମୀ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ସାନିଟାଇଜର, ଅକ୍ସିମିଟର, ଫେସ ସିଲ୍ଡ, ଥର୍ମାଲ ସେନ୍ସର ଓ ମାସ୍କ ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ଓସ୍କାର ସଂଯୋଜକ ପ୍ରେମାନନ୍ଦ ସେନାପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜ, ବିଜେଡି ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତି ସହୁଛନ୍ତି କଖାରୁଚାଷୀ

ଠାକୁରମୁଣ୍ଡା,୨୫।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ କଖାରୁ (ବୋଇତାଲୁ) ଚାଷ କରିଥିବା ଚାଷୀ ଚଳିତ ବର୍ଷ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ଲଘୁଚାପ ବର୍ଷା ଯୋଗୁ ଫଳ କମିଯିବା ସାଙ୍ଗକୁ କମ୍ ଓଜନର ଫଳ ଫଳିଛି। ଉତ୍ପାଦନ କମିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଏହି ବ୍ଲକ ଅଞ୍ଚଳର ଅନେକ ଚାଷୀ ଶତାଧିକ ଏକର ଜମିରେ କଖାରୁ ଚାଷ କରିଛନ୍ତି। ପୂର୍ବରୁ ଧାନ ଚାଷ ନ ହୋଇ ପଡ଼ି ରହୁଥିବା ଜମିରେ ଭଲ କଖାରୁ ଉତ୍ପାଦନ ହେଉଥିବାରୁ ଏଥି ପ୍ରତି ଆଗ୍ରହ ପ୍ରକାଶ କରି ଚଳିତ ବର୍ଷ ବହୁ ଚାଷୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି



ବିକ୍ରି ପାଇଁ ରାସ୍ତାକଡ଼ରେ ଜମା ହୋଇଥିବା କଖାରୁ।

ଏହି ଚାଷ କରିଛନ୍ତି। ସେପ୍ଟେମ୍ବର ଓ ଅକ୍ଟୋବର ମାସରେ କଖାରୁ ତୋଳା ହେଉଥିବାରୁ ବିଭିନ୍ନ ସ୍ଥାନରୁ ବେପାରୀ ଆସି କଖାରୁ କିଣିଥାନ୍ତି। ପ୍ରତିଦିନ ଶହ ଶହ ସଂଖ୍ୟାରେ ଗାଡ଼ି ଯୋଗେ କଖାରୁ ବୋଝେଇ ହୋଇ ବିକ୍ରି ପାଇଁ ଯାଇଥାଏ। ମାତ୍ର ଚଳିତ ବର୍ଷ ଲଘୁଚାପ ବର୍ଷା ଯୋଗୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ତାଳପଦା ଗାଁର ଚାଷୀ ସତ୍ୟାନନ୍ଦ ପଲେଇ, ବାଲିପୋଷି ଗାଁର ଦିଲୀପ କୁମାର ବେହେରା, ବାଉଁଶଡ଼ିହା ଗାଁର ଠାକୁରା ମୁର୍ମୁ ପ୍ରମୁଖ ଚାଷୀଙ୍କ କହିବା ଅନୁଯାୟୀ, ଗତବର୍ଷ ସେମାନେ କଖାରୁ କୁଇଣ୍ଟାଲ ପ୍ରତି ୧୨ ଶହରୁ ୧୪ ଶହ ଟଙ୍କାରେ ବେପାରୀଙ୍କୁ ବିକ୍ରି କରିଥିଲେ। ମାତ୍ର ଚଳିତ ବର୍ଷ କୁଇଣ୍ଟାଲ ୫ରୁ ୬ଶହ ଟଙ୍କାରେ ବିକ୍ରି ହେଉଛି। କଖାରୁକୁ ସଂରକ୍ଷିତ କରି ରଖିବାକୁ ଶୀତଳ ଭଣ୍ଡାରର ସୁବିଧା ନ ଥିବାରୁ ସେମାନେ କମ୍ ଦାମ୍‌ରେ ବିକିବାକୁ ବାଧ ହେଉଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

# 'ସଫଳତା ପାଇବାରେ ଖବରକାଗଜ ସହାୟ ହୋଇଛି'

## ସିଭିଲ ସର୍ଭିସ ପରୀକ୍ଷା: ୪ର୍ଥ ସ୍ଥାନରେ ଯଶ୍

ବଡ଼ବିଲ, ୨୫।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳରେ ରହୁଥିବା ଯଶ୍ ଜାଲୁକା କେନ୍ଦ୍ରୀୟ ଲୋକସେବା ଆୟୋଗ( ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ପରୀକ୍ଷା-୨୦୨୦ରେ ଦେଶରେ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଏବେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ତେବେ ଦୈନିକ ଖବରକାଗଜ ପଢିବା ଏହି ସଫଳତାରେ ସହାୟ ହୋଇଛି ବୋଲି ଯଶ୍ କହିଛନ୍ତି।

ବଡ଼ବିଲ ୧୫ ନମ୍ବର ୱାର୍ଡସ୍ଥିତ ପଞ୍ଚବଟୀ ରେସିଡେନ୍ସିର ଫ୍ଲାଟ ନଂ-୨୦୩ ରେ ରହୁଥିବା ମନୋଜ ଜାଲୁକା ଏବଂ ଶୋଭାଦେବୀଙ୍କ ପୁଅ ଯଶ୍। ସେ ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ବଡବିଲ ସେଣ୍ଟମେରିଜ ସ୍କୁଲରେ ପଢିଥିଲେ। ପରବର୍ତ୍ତୀ ସମୟରେ ବୋକାରୋରେ ଯୁକ୍ତ ଦୁଇ, ଦିଲ୍ଲୀରେ ଗ୍ରାଜୁଏଶନ ଏବଂ ଇକୋନୋମିକ୍ସରେ ମାଷ୍ଟର


ଯଶ୍ ଜାଲୁକା।

ଡିଗ୍ରୀ ହାସଲ କରି ୟୁପିଏସ୍‌ସି ସିଭିଲ ସର୍ଭିସେସ ପରୀକ୍ଷା ଦେଇଥିଲେ। ସେ ଦୈନିକ ୮ଘଣ୍ଟା ପରିଶ୍ରମ କରୁଥିଲେ। ଆଉ ଖବରକାଗଜ ପଢୁଥିଲେ। ଯଶ୍ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁପରିଚାଳନାରେ ନିଜକୁ ସମର୍ପଣ କରିବେ ବୋଲି କହିଛନ୍ତି।

# ଆଡ୍‌ମିଶନ ଫି' ବୃଦ୍ଧିକୁ ବିରୋଧ

ଭଦ୍ରକ ଅଫିସ,୨୫।୯

ଏବେ ସମସ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ଚାଲିଛି। କିନ୍ତୁ ନାମଲେଖା ସମୟରେ ପ୍ରାୟ ସମସ୍ତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉନ୍ନୟନ ଫି' ନାମରେ ଅତ୍ୟଧିକ ଅର୍ଥ ଆଦାୟ କରୁଥିବା ଭଦ୍ରକ ଜିଲା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ଆଡ୍‌ମିଶନ ଫି' ବୃଦ୍ଧିକୁ ବିରୋଧ କରି ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ସଭାପତି ସୌମ୍ୟରଞ୍ଜନ ବାରିକ, ମହମ୍ମଦ ସାକିର, ସେକ୍ ନଜରୁଲ ହେଦୋ, ରାଜୀବ ଲୋଚନ ବାରିକ, ସିଜଦା ଖାନ ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ଦେବା ସହ ପରୀକ୍ଷା ଫି' ସମ୍ପୂର୍ଣ୍ଣ ଛାଡ଼ ଓ ନାମଲେଖା ଫି' କମାଇବାକୁ ଦାବି କରିଛନ୍ତି। ଗତ ଦୁଇବର୍ଷ ଧରି କରୋନା କବଳରେ ମାନବ ସମାଜ କବଳିତ। ଲଗାତର ଲକ୍‌ଡାଉନ ଓ ଶଟ୍‌ଡାଉନ ପାଇଁ ପ୍ରତିଟି ବର୍ଗର ଲୋକଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ଯାଇଛି। ଏଭଳି ସ୍ଥିତିରେ କଲେଜ କର୍ତ୍ତୃପକ୍ଷଙ୍କ ନାମଲେଖା ସମୟରେ ଫି' ବୃଦ୍ଧି ଅଭିଭାବକମାନଙ୍କୁ ଚିନ୍ତାରେ ପକାଇଛି। ଏପରିକି ବହୁ ଛାତ୍ରୀଛାତ୍ର ନାମ ଲେଖାଇ ପାରି ନାହାନ୍ତି। ତୁରନ୍ତ ଜିଲାପାଳ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ନାମଲେଖା ଫି' କମାଇବାକୁ ସେମାନେ ଦାବି କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରମାନେ।

# ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

ବାଙ୍ଗିରିପୋଷି, ଆରଡ଼ି
୨୫।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ +୩ ଏବଂ +୨ ଜାତୀୟ ସେବା ଯୋଜନା ତରଫରୁ ଏହି ଦିବସ ସେବା ଅଧିକାରୀ ସତ୍ୟବ୍ରତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଇଂରାଜୀ ପ୍ରାଧ୍ୟାପକ ସତ୍ୟନାରାୟଣ ସାମଲ ଯୋଗଦେଇ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ଉଦ୍‌ବୋଧନ ଦୋଇଥିଲେ । ବହୁସଂଖ୍ୟକ ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଏବଂ ଅଣକର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ । ଶେଷରେ +୨ ଜାତୀୟ ସେବାଯୋଜନା ଅଧିକାରୀ ଡ.ବିରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକ ଜିଲା ଧାମନଗର ବ୍ଲକ ସାହାସପୁର ପଞ୍ଚାୟତ ଆଇଜିଏମ୍ କଲେଜରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବ୍ରଜ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ନରେନ୍ଦ୍ର କୁମାର ସାହୁ ସଂଯୋଜନା କରିଥିଲେ। ଅଧ୍ୟକ୍ଷ, ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀଙ୍କ ସହ ଅଧ୍ୟାପକ ପୀତାମ୍ବର ରାଉତରାୟ, ଭରତ ଚନ୍ଦ୍ର ବେହେରା ପ୍ରମୁଖ ସେବା ଯୋଜନା ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ଚାରାରୋପଣ, ବକ୍ତୃତା, କୁଇଜ, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇଥିଲା। ଗୋଲକ ପଲାଇ, ଗୋଲକ ମଳିକ, ବୈଷ୍ଣବ ଦାସ, ଦେବେନ୍ଦ୍ର ରାଉତ, ଗୋପବନ୍ଧୁ ଯେନା, ଅମରେଶ ରାଉତ, ଗୋଲେଖ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାବଲମ୍ବୀ ପାଇଁ ମାଛଚାଷକୁ ପ୍ରୋତ୍ସାହନ




କେନ୍ଦୁଝର, ୨୫।୯ (ସ୍ୱ.ପ୍ର.)

ଉତ୍ପାଦିକା ଗୋଷ୍ଠୀ ଜରିଆରେ ସମୂହ କୃଷି କାର୍ଯ୍ୟ କରି ମହିଳା ମାନେ କିଭଳି ସ୍ୱାବଲମ୍ବୀ ହୋଇ ପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଲାଗୁ କରିଛନ୍ତି। ନିଜସ୍ୱ ଜମିରେ ମାଛ ଚାଷ କରି ବିଶେଷ କରି ଆଦିବାସୀ ମହିଳା ମାନେ ରୋଜଗାର ବଢାଇ ପାରିବେ ସେ ନେଇ ସ୍ଥାନୀୟ ଆଇଟିଡିଏ ଓ ଆଇଡିଏ ସଂସ୍ଥା ମିଳିତ ଉଦ୍ୟମରେ ସଦର ବ୍ଲକ ସଂଗଠିତ ୩୦ ଜଣ ମହିଳାଙ୍କୁ ୩୦ ହଜାର ମାଛ ଜାଆଁଳ ବଣ୍ଟନ କରାଯାଇଛି। ସଦର ବ୍ଲକ କେମ୍ପସଡା, କେନ୍ଦୁଆ, କୁଶପଦା, ମୁକୁନା ଗ୍ରାମର ଏହି ହିତାଧିକାରୀଙ୍କୁ ରୋହି, ଭାକୁର, ମିରିକାଳି ଆଦି ମାଛ ଯାଆଁଳ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ପ, ସ୍ୱତନ୍ତ୍ର ଅଧିକାରୀ ସଞ୍ଜୁ ଦାସ, ବିଶେଷଜ୍ଞ ଭାନୁବତୀ ବେହେରା, ଆଇଡିଏର ପ୍ରମୋଦ ବର୍ଗତି ପ୍ରମୁଖ ଉପସ୍ଥିତ ରହି ଚାଷ ସମ୍ବନ୍ଧରେ ଅବଗତ କରିଥିଲେ।

# ନିରାଡ଼ମ୍ବରରେ ପାଳନ ହେଲା ଫାତେହା

ଭଦ୍ରକ ଅଫିସ,୨୫।୯

ଭଦ୍ରକ ବାଇପାସ୍ ରୋଡ୍ ସ୍ଥିତ ସରକାର ନଗର ଖାନକାହାଠାରେ ଧର୍ମଗୁରୁ ସୁଫି ହଜରତ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ବଡ଼ ସରକାର ବାବାଙ୍କ ୭ମ ବାର୍ଷିକ ଫାତେହା ଉତ୍ସବ କୋଭିଡ୍ କଟକଣା ପାଇଁ ନିରାଡ଼ମ୍ବରରେ ପାଳିତ ହୋଇଯାଇଛି। ବାବାଙ୍କ ଭକ୍ତମାନେ ଖାନକାହା ନ ଆସି ନିଜ ଘରେ ରହି ଉତ୍ସବ ପାଳନ କରିଛନ୍ତି। ପ୍ରତ୍ୟେକ ବର୍ଷ ରାଜ୍ୟ ଓ ବାହାର ରାଜ୍ୟର ଲକ୍ଷାଧିକ ଭକ୍ତ ଆସି ଏହି ଉତ୍ସବରେ ଯୋଗଦେଇ ଶୋଭାଯାତ୍ରାରେ ଯାଇ ବାବାଙ୍କ ସମାଧିରେ ଚାଦର ଚଢ଼ାଉଥିଲେ। ଏହି ଅବସରରେ ବିଶାଳ ଧର୍ମସଭା ମଧ୍ୟ ଆୟୋଜନ ହେଉଥିଲା। କିନ୍ତୁ କରୋନା ପାଇଁ ଦୁଇବର୍ଷ ଧରି ଉତ୍ସବ ଫିକା ପଡ଼ିଛି। ଉତ୍ସବ ପାଇଁ କମିଟି ପକ୍ଷରୁ ଖାନକାହ ସରିଫ ୨୩ ଓ ୨୪ ଦୁଇଦିନ ମୁଖ୍ୟ ଫାଟକ ବନ୍ଦ ରଖାଯାଇଥିଲା। ଜିଲା ପ୍ରଶାସନର ନିୟମ ମାନି ଗୁଲଶନେ ଗୌଷପାକ ଖାନକାହା କମିଟି ପକ୍ଷରୁ ବଡ଼ ସରକାର ବାବାଙ୍କ ଗୋସଲଖାନୀ କରାଯାଇଥିଲା। ସକାଳ ନମାଜ ପାଠ ସାରି ମିଲାଦ ସରିଫ ଚାଦର ଚଢ଼ାଇ ଫାତେହା କାର୍ଯ୍ୟକ୍ରମ ହୋଇଥିଲା ଓ ଏଥିରେ ୭ ଜଣ ଉପସ୍ଥିତ ଥିଲେ ବୋଲି କମିଟି ସମ୍ପାଦକ ଶେଖ୍ଅତା ମୋହିଦ୍ଦିନ ଜଣାଇଛନ୍ତି।

# ଅଧାପନ୍ତରିଆ ଅବସ୍ଥାରେ ଆବାସ

ତେଲକୋଇ,୨୫।୯(ଡି.ଏନ.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର କାଞ୍ଜିଆ ଝରଣ ବସ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଯୋଗୁ ୪୦ପରିବାରଙ୍କ ଗୃହ ଅଧାରେ ରହିଛି। ଏଥିଯୋଗୁ ଉକ୍ତ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହୋଇ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାର ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ଭୂୟାଁ ଜନଜାତି ପାହାଡ଼ ଉପରେ ଡମାଙ୍ଗରେ ବସବାସ କରୁଥିଲେ। ୧୯୯୯ରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ପାହାଡ଼ ତଳ କାଞ୍ଜିଆ ଝରଣକୁ ଅଣାଯାଇ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଉକ୍ତ ସ୍ଥାନରେ ଜମି ମଧ୍ୟ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୪୦ ପରିବାର ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇଥିଲା। ଠିକାଦାରଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ପରେ ଆଉ କାମ ନ ହେବାର ଅଧାପନ୍ତରିଆ ଅବସ୍ଥାରେ ଘରଗୁଡ଼ିକ ରହିଛି। ଫଳରେ ବର୍ଷା ହେଲେ ସେମାନେ ହୀନସ୍ଥା ହେଉଛନ୍ତି। ବିଡିଓଙ୍କ ପରାମର୍ଶ କ୍ରମେ ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ଯଯାତି ଦେହୁରୀ, ଉମେଶ ଦେହୁରୀ, ମଣି ଦେହୁରୀ, କୁନ୍ତୁ ଦେହୁରୀ, ଦେବାନନ୍ଦ ପ୍ରଧାନ, କମଳା ଦେହୁରୀ, ଗୁରୁବାରୀ ପ୍ରଧାନ ପ୍ରମୁଖ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ନେଇ ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା କହିଛନ୍ତି।

# ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

ଯୋଡ଼ା,୨୫।୯(ଡିଏନଏ)

କେନ୍ଦୁଝର ଜିଲା ଯୋଡ଼ାର ଜଣେ ଖବରଦାତା ଖବର ସଂଗ୍ରହ କରିବାକୁ ଯାଉଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଛି। ଏନେଇ ଜଣେ ରାଜସ୍ୱ ନିରୀକ୍ଷକ ଓ ଜଣେ ଅମିନଙ୍କ ବିରୋଧରେ ଯୋଡ଼ା ଥାନରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖ ଅପରାହ୍ନରେ ସମ୍ପୃକ୍ତ ଖବରଦାତା ଖବର ସଂଗ୍ରହ କରିବାକୁ ଯାଉଥିବା ବେଳେ ଯୋଡ଼ା ପୌର କାର୍ଯ୍ୟାଳୟ ନିକଟରେ ଉକ୍ତ ରାଜସ ନୀରିକ୍ଷକ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ରାଜସ୍ୱ ନିରୀକ୍ଷକଙ୍କ ସହଯୋଗୀ ଉକ୍ତ ଅମିନ ଉତକ୍ଷିପ୍ତ ଖବରଦାତାଙ୍କ ଗାଡ଼ିର ପଛ କାଚକୁ ହେଲମେଟ୍‌ରେ ପିଟି ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ ଦେଖୁଥିବା ଲୋକ ମାନେ ଏହାର ବିରୋଧ କରିଥିଲେ ଓ ସେମାନଙ୍କୁ ଟଣାଓଟରା କରି ଏଭଳି ନ କରିବା ପାଇଁ କହିଥିଲେ। ପରେ ରାଜସ୍ୱ ନିରୀକ୍ଷକ ଆପୋଷ ବୁଝାମଣା କରିଥିଲେ ହେଁ ଅମିନ ଏ ନେଇ ଯୋଡ଼ା ଥାନରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଖବରଦାତାଙ୍କ ପକ୍ଷରୁ ମଧ୍ୟ ଥାନରେ ପାଲଟା ଅଭିଯୋଗ ହୋଇଛି।

# 'କଳା, ସଂସ୍କୃତି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର'

ବାସୁଦେବପୁର, ୨୫।୯ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ବ୍ଲକ କଳା ଓ ସଂସ୍କୃତି ସଂଘ ଆନୁକୂଲ୍ୟରେ ଶନିବାର ମୁଖ୍ୟମନ୍ତ୍ରୀ ଲୋକକଳା ମଞ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଳା ଓ ସଂସ୍କୃତି ହେଉଛି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ରାଜ୍ୟ ସରକାର ଲୋକକଳାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ଏହା ହିଁ ଓଡ଼ିଆ ଜାତିକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସକ୍ଷମ ହୋଇଛି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସରପଞ୍ଚ ପ୍ରଫୁଲ୍ଲ ପଳିତା ଓ ଦୀନବନ୍ଧୁ ଦାସ ଯୋଗ ଦେଇଥିଲେ। ବ୍ଲକ କଳା ସଂସ୍କୃତି ସଂଘ ସଭାପତି ତଥା ବିଡିଓ ପ୍ରଣବ କୁମାର ବେହେରା ସଭାପତିତ୍ୱ କରିଥିଲେ। ଉପସଭାପତି ତଥା ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ସଭାପତି ସନାତନ ପୁରୀ ସ୍ୱାଗତ ଭାଷଣ ଓ ସମ୍ପାଦକ କପିଳନାଥ ଶର୍ମା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଲଉଡ଼ି ନୃତ୍ୟ, ଘୋଡ଼ାନାଚ, କୀର୍ତ୍ତନ, ପାଲା, ଦାସକାଠିଆ ଆଦି ବିଭାଗର ୫୦ରୁ ଉର୍ଦ୍ଧ୍ୱ ଦଳ କଳା ନୈପୁଣ୍ୟ ପ୍ରତିଯୋଗିତା ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ସମୀକ୍ଷକ ଭାବେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ବରିଷ୍ଠ ଉପଦେଷ୍ଟା ରମାକାନ୍ତ ମଲିକ, ପୂର୍ବତନ ଅଧ୍ୟାପକ ରତ୍ନାକର ବାରିକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିମନ୍ୟୁ ବେହେରା ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ କୃତୀ ଦଳଗୁଡ଼ିକ ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାସ୍ତରରେ ଅଂଶଗ୍ରହଣ କରିବେ।


ଉତ୍ସବରେ ଉପସ୍ଥିତ ଅତିଥି।

# ଗାଁରେ ବୁଲି ସମସ୍ୟା ବୁଝିଲେ ବିଧାୟକ

ପଦ୍ମପୁର,୨୫।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଚୁଡ଼ାମଣି ଓ ଶାଶୁଭୁଆଶୁଣି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଲି ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଛନ୍ତି। ଶାଶୁଭୁଆଶୁଣିରେ ନିର୍ମାଣାଧୀନ ପଞ୍ଚାୟତ ଗୃହ, ବିଭିନ୍ନ ରାସ୍ତାଘାଟ, ଜଳ ନିଷ୍କାସନ ଓ ସରକାରୀ ଯୋଜନା ବିଷୟରେ ସେ ଲୋକଙ୍କଠାରୁ ବୁଝିଥିଲେ। ଚୁଡ଼ାମଣି ପଞ୍ଚାୟତର ଚକ୍ରଧରପୁର ପୁରୀ ମଳିକସାହି ରାସ୍ତା, ଜଳ ନିଷ୍କାସନ ନାଳ, ନିର୍ମାଣାଧୀନ ଚକ୍ରେଶ୍ୱର ମହାଦେବ ମନ୍ଦିର, ହରିହାଟ ଘର ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ତଦାରଖ କରିଥିଲେ ବିଧାୟକ ରାଉତରାୟ। ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ବ୍ଲକ ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ଦମୟନ୍ତୀ ମହାପାତ୍ର, କୁଞ୍ଜଲତା ମଳିକ, ଛାତ୍ର ସଭାପତି କାଳନ୍ଦୀ ସାହୁ, ସମିତ ମହାନ୍ତି, ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଗପୁରା ଷ୍ଟେଶନ-ଯାମୁନଣ୍ଡା ରାସ୍ତା ଶୋଚନୀୟ

ବୈଶିଙ୍ଗା,୨୫।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ସନ୍ତରା ପଞ୍ଚାୟତର ଯୁଗପୁରା ରେଳ ଷ୍ଟେଶନଠାରୁ ଯାମୁନଣ୍ଡା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଅନେକ ସ୍ଥାନରେ ଆଣ୍ଠୁଏ ଗଭୀର ଖାଲଖମା ହୋଇଛି। ବର୍ଷା ଜଳ ଏହି ଖାଲରେ ଭର୍ତ୍ତି ହୋଇଥିବା ଯୋଗୁ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ି ଯିବା ଆସିବା କରିବା ସମୟରେ ଦୁର୍ଘଟଣା ଘଟୁଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ନିକଟସ୍ଥ ଇଶାଣପୁର, ଲକ୍ଷ୍ମୀପୁର, ଯୁଗପୁରା, ଯାମୁନଣ୍ଡା ଆଦି ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯାଇ ପାରୁନାହିଁ। ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ ହଜାର ଜନସାଧାରଣ ଦୈନନ୍ଦିନ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଯାମୁନଣ୍ଡା ଗ୍ରାମ ବୈଶିଙ୍ଗା ପଞ୍ଚାୟତ ଅଧୀନରେ ଥିବା ବେଳେ ୩ କି.ମି ଦୂରତ୍ୱ ବିଶିଷ୍ଟ ଏହି ରାସ୍ତାଟି ସନ୍ତରା


ରାସ୍ତା ଖାଲଖମାରେ ବର୍ଷାପାଣି ଜମି ରହିଛି।

ପଞ୍ଚାୟତରେ ଥିବା ଯୋଗୁ ଏଭଳି ଅବହେଳିତ ଅବସ୍ଥାରେ ପଡ଼ିରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରାଙ୍କୁ ପଚାରିବାରୁ ଏହି ରାସ୍ତାର ଉନ୍ନତିକରଣ ନିମନ୍ତେ ଜିଲା ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହେବା ସହ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ସର୍ଭେ କାର୍ଯ୍ୟ ମଧ୍ୟ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର କଂକ୍ରିଟ ରାସ୍ତା ଟେଣ୍ଡର ଆହ୍ୱାନ କରିବାକୁ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

